ସକାଳ THE SAKALA



ସମ୍ବଲପୁର ପୁସ୍ତକମେଳାର ଦ୍ୱିତୀୟ ଦିବସ

# 'ଅନାଲୋଚିତ ନାରୀ ସଂଗ୍ରାମୀଙ୍କ ଇତିହାସ ଖୋଜିବାକୁ ଆହ୍ୱାନ'






**ସମ୍ବଲପୁର, ୨୫।୧ (ସମିସ)**

ସ୍ୱାଧୀନତା ସଂଗ୍ରାମ ସମୟରେ ନାରୀ ପୁରୁଷ ପାର୍ଥକ୍ୟ ନୁହେଁ, ବରଂ ଲକ୍ଷ୍ୟ ଥିଲା ମୂଳ ପ୍ରସଙ୍ଗ। ସଂଗ୍ରାମୀ ଜମ୍ବୋବତୀ ଦେବୀ, ପାର୍ବତୀ ଗିରି, ପ୍ରଭାବତୀ ଦେବୀ କେବଳ ଲୋକଲୋଚନକୁ ଆସିଥିବାବେଳେ ଅନେକଙ୍କ ବିଷୟରେ ଇତିହାସ ନିରବ ରହିଛି। ଅନେକ ନାରୀ ତନ୍ମଧ୍ୟରେ ବିନିକାର ଗୁରୁବାରୀ ମେହେର, ନୂଆପଡ଼ାର ଦେମତି ଶବର, ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀଙ୍କ ପତ୍ନୀ ଶ୍ରୀୟା ପାଣିଗ୍ରାହୀ, ପାର୍ବତୀ ଗିରିଙ୍କୁ ସହଯୋଗ କରୁଥିବା ଚିତ୍ରା ଓ ଉତ୍ତରା, ପାଣିମୋରା ସଂଗ୍ରାମୀ ଗ୍ରାମର ମହିଳା, ସମ୍ବଲପୁରରୁ ଜମ୍ବୋବତୀ ଦେବୀ ଆଇନ ଅମାନ୍ୟ ଆନ୍ଦୋଳନରେ ଇଞ୍ଜୁଡ଼ି ଯାଇଥିବାବେଳେ ଯାଇଥିବା ୧୦ ଜଣ ମହିଳା ଆଦି ବହୁ ସଂଗ୍ରାମୀଙ୍କ କଥା ଆଜି ଅନାଲୋଚିତ। ଏଭଳି କ୍ଷେତ୍ରରେ ଏହି ମହିଳା ମାନଙ୍କ ଇତିହାସ ଖୋଜି ବାହାର କରିବା ଆଜିର ଆବଶ୍ୟକତା ବୋଲି ସହକାରୀ ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର କହିଛନ୍ତି। ସମ୍ବଲପୁର ପୁସ୍ତକମେଳାରେ ଆଜି ଅପରାହ୍ଣ ୪ଟାରୁ ଆରମ୍ଭ ହୋଇଥିଲା ସାରସ୍ୱତ କାର୍ଯ୍ୟକ୍ରମ। 'ସେତୁ' ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଆଜି ଆଲୋଚନାର ବିଷୟ ଥିଲା - 'ସ୍ୱାଧୀନତା ସଂଗ୍ରାମରେ ପଶ୍ଚିମ ଓଡ଼ିଶାର ନାରୀ'। ଡକ୍ଟର ନିଳେନ୍ଦ୍ରୀ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର ଓ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ନିରୁପମା ବଡ଼ପଣ୍ଡା ଆଲୋଚକ ଭାବେ ଯୋଗ ଦେଇଥିଲେ। ଅନ୍ୟତମ ବକ୍ତା ଡକ୍ଟର ବଡ଼ପଣ୍ଡା କହିଲେ ଯେ, ପଶ୍ଚିମ ଓଡ଼ିଶାରେ ବହୁ ସଂଖ୍ୟାରେ ମହିଳା ସ୍ୱାଧୀନତା ସଂଗ୍ରାମୀ ଆନ୍ଦୋଳନରେ ଝାସ ଦେଇଥିଲେ। କିନ୍ତୁ ଅନେକ ସଂଗ୍ରାମୀ ଏଯାଏ ଲୋକଲୋଚନକୁ ଆସିପାରି ନାହାନ୍ତି। ମହିଳା ସଂଗ୍ରାମୀ ମାନଙ୍କ ମଧ୍ୟରେ ସଂଗ୍ରାମୀ ଜମ୍ବୋବତୀ ଦେବୀ, ସଂଗ୍ରାମୀ ପ୍ରଭାବତୀ ଦେବୀ, ବହ୍ନିକନ୍ୟା ପାର୍ବତୀ ଗିରି ପ୍ରମୁଖଙ୍କ ଜୀବନ ଓ ଦର୍ଶନ ବିଷୟରେ ସେ ଆଲୋକପାତ କରିଥିଲେ। ସମସ୍ତ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପତ୍ନୀମାନେ ମଧ୍ୟ ଇଂରେଜ ବିରୋଧରେ ଆନ୍ଦୋଳନରେ ଝାସ ଦେଇଥିଲେ। ଅନାଲୋଚିତ ମହିଳା ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବିଷୟରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଡକ୍ଟର ସ୍ୱୟଂ ପ୍ରକାଶ ପଣ୍ଡା ସଭାକୁ ସଂଯୋଜନା କରିଥିଲେ।

ସମ୍ବଲପୁର ପୁସ୍ତକମେଳାର ମୁଖ୍ୟ ଆକର୍ଷଣ ହେଉଛି ଶିଶୁ ମଣ୍ଡପ। ପୁସ୍ତକମେଳାର ଦ୍ୱିତୀୟ ଦିବସର ଆଜି ଦିନର ଶୁଭାରମ୍ଭ ହୋଇଥିଲା ଶିଶୁ ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ ସହ। ସସ୍ମିତା ମିଶ୍ରଙ୍କ ସଂଯୋଜନାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସକାଶେ କାହାଣୀ କଥନ ଅଧିବେଶନ, ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସକାଶେ ସୁବୋଧ କୁମାରଙ୍କ ସହିତ ଯୋଗାଭ୍ୟାସ ଏବଂ ଶେଷରେ ରାଷ୍ଟ୍ରୀୟ ଇ-ପୁସ୍ତକାଳୟ ପକ୍ଷରୁ ଓରିଏଣ୍ଟେସନ କରାଯାଇ ଡିଜିଟାଲ ଇ-ବୁକ୍ସ ବିଷୟରେ ଅବଗତ କରାଗଲା। ଏହି ପ୍ଲାଟଫର୍ମରେ ୨୩ଟି ଭାଷାରେ ୬ ହଜାର ପୁସ୍ତକ ଉପଲବ୍ଧ। ପିଲାମାନଙ୍କ କାର୍ଯ୍ୟକ୍ରମରେ ସ୍ଥାନୀୟ ୧୨ଟି ବିଦ୍ୟାଳୟରୁ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

ପୁସ୍ତକମେଳାରେ ପ୍ରତିଦିନ ସ୍ଥାନୀୟ ତଥା ଜାତୀୟ ପ୍ରସିଦ୍ଧ କଳାକାରମାନେ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି। ଆଜି ସନ୍ଧ୍ୟାର ଆକର୍ଷଣ ଥିଲା ରାଜସ୍ଥାନର 'ମାଙ୍ଗାନିଆର୍ସ୍' ଦଳର କଳାକାରଙ୍କ ଲୋକଗୀତ ଓ ଲୋକନୃତ୍ୟର ସମ୍ଭାର। ରାଜସ୍ଥାନୀ ଲୋକକଳା ଦର୍ଶକଙ୍କୁ ଅଭିଭୂତ କରିଥିଲା। ପୁସ୍ତକ ମେଳା ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଏବଂ କଳାତ୍ମକ ପରମ୍ପରାକୁ ପାଳନ କରିବା ସହିତ ପ୍ରକାଶକ ଏବଂ ପାଠକଙ୍କ ମଧ୍ୟରେ ସଂଯୋଗକୁ ଅଧିକ ମଜବୁତ କରିବାପାଇଁ ଏହା ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆର ଏକ ପ୍ରଚେଷ୍ଟା।

### ପୁଲିସର ଭିଡ଼ ନିୟନ୍ତ୍ରଣ ଫେଲ୍, ଲାଠି ଚାର୍ଜ

## ସମ୍ବଲପୁର ପୁସ୍ତକ ମେଳା ପାଲଟିଲା ରଣକ୍ଷେତ୍ର

**ସମ୍ବଲପୁର, ୨୫।୧(ସମିସ):** ସମ୍ବଲପୁର ପୁସ୍ତକ ମେଳା ପାଲଟି ଗଲା ରଣକ୍ଷେତ୍ର। ଅସମ୍ଭାଳ ଭିଡ଼କୁ ପୁଲିସ ନିୟନ୍ତ୍ରଣ କରିପାରିଲାନି, ବାଧ୍ୟରେ ଲାଠି ଚାର୍ଜ କରିଲା। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧିନ ନେସନାଲ ବୁକ ଅଫ ଟ୍ରଷ୍ଟ(ଏନବିଟି) ଓ ସେତୁ ମିଳିତ ଉଦ୍ୟମରେ ସମ୍ବଲପୁର ପିଏଚଡି ପଡ଼ିଆରେ ୨୬ତମ ପୁସ୍ତକ ମେଳା ଆୟୋଜିତ ହୋଇଛି। ଏହି ମେଳା ଶନିବାର ଦିନ ଉଦ୍‌ଘାଟିତ ହୋଇଥିବା ବେଳେ, ଫେବୃଆରୀ ୧ ପର୍ଯ୍ୟନ୍ତ ଚାଲିବ। ପୁସ୍ତକ ମେଳାର ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି। ଓଡ଼ିଶାର ବିଭିନ୍ନ ସ୍ଥାନରୁ କଣ୍ଠଶିଳ୍ପୀ ଆସି ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହି ପରିପ୍ରେକ୍ଷୀରେ ଉଦ୍‌ଘାଟନୀ ଦିନ ପଶ୍ଚିମାଞ୍ଚଳର ଜଣେ କଣ୍ଠଶିଳ୍ପୀ ଆସିଥିଲେ। ତାଙ୍କର ଗୀତ ଶୁଣିବାକୁ ଅନେକ ଯୁବପିଢ଼ୀ ମଧ୍ୟ ଆସିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହେବାର କିଛି ସମୟ ପରେ ଭିଡ଼ ନିୟନ୍ତ୍ରଣ ବାହାରେ ହୋଇଥିଲା। ଉପସ୍ଥିତ ଦର୍ଶକ ନିଜ ସ୍ଥାନରେ ନାଚିବା ସହ ଚେୟାର ଉପରକୁ ଉଠିଥିଲେ। ପରେ ଚେୟାର ଫିଙ୍ଗାଫିଙ୍ଗି ମଧ୍ୟ ହୋଇଥିଲା। ଏହାକୁ ରୋକିବାକୁ ପୁଲିସ ଚେଷ୍ଟା କରିଥିଲା। କିନ୍ତୁ କେହି ପୁଲିସକୁ ଛୁରି ଦେଖାଇଥିବା ଶୁଣାଯାଉଛି। ପରେ ପୁଲିସ ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲା। ତେଣୁ ଶେଷରେ ଲାଠି ଚାର୍ଜ କରି ପୁସ୍ତକ ମେଳାରୁ ରଣକ୍ଷେତ୍ର ସଜାଇଥିଲା। ଏଠାରେ ପ୍ରଶ୍ନ ଉଠୁଛି ପୁଲିସ କାହିଁକି ଭିଡ଼ ନିୟନ୍ତ୍ରଣ କରିପାରିଲା ନାହିଁ। ଉଦ୍‌ଘାଟନୀ ଦିନ ଆସିଥିବା କଣ୍ଠ ଶିଳ୍ପୀ କିଛି ଦିନ ପୂର୍ବରୁ ଭେଡେନ ରାମଲିଳା କାର୍ଯ୍ୟକ୍ରମକୁ ଯାଇଥିଲେ। ସେଠାରେ ମଧ୍ୟ ଏହି ସମାନ ଘଟଣା ଘଟିଥିଲା। କଣ୍ଠଶିଳ୍ପୀଙ୍କ ଗୀତରେ ଦର୍ଶକ ଅଧିକ ଉତ୍ତେଜିତ ହେଉଛନ୍ତି, ଏପରିକି ନାଚିବାକୁ ମଧ୍ୟ କୁହାଯାଉଛି। ଫଳରେ ଏପରି ସମସ୍ୟା ଦେଖାଯାଉଛି। ଭେଡେନ ଏହି ସମାନ ଘଟଣା ଘଟିଥିଲା। ଭିଡ଼ ନିୟନ୍ତ୍ରଣ କରି ନପାରି ପୁଲିସ ଲାଠିଚାର୍ଜ କରିଥିଲା। ଉଦ୍‌ଘାଟନୀ ଦିନ ସେହି କଣ୍ଠଶିଳ୍ପୀ ସମ୍ବଲପୁର ଆସିବେ ବୋଲି ପୁଲିସ ପାଖରେ ଖବର ରହିଥିଲା। ଏତେ ବଡ କାର୍ଯ୍ୟକ୍ରମରେ ଏଭଳି ଏଘଟଣକୁ ସାଧାରଣରେ ନିନ୍ଦା କରାଯାଇଛି। ଉପୁଯକ୍ତ ପୁଲିସ କର୍ମଚାରୀ ଥାଇ ମଧ୍ୟ ଏପରି ଘଟଣା କିପରି ଘଟିଲା ତାହା ପ୍ରଶ୍ନ ଘେରରେ। ସେପଟେ ଜିଲ୍ଲା ଲୋକ ମହୋତ୍ସବ ବେଳେ ସ୍ଥାନୀୟ କଳାକାରଙ୍କୁ ସୁଯୋଗ ଦିଆଯାଉଛି। ତେଣୁ ପୁସ୍ତକ ମେଳାରେ ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉ। ପୁସ୍ତକ ମେଳାରେ ଏଭଳି ସାଂସ୍କୃତକ କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଉଛି।

**ଭେଡେନ ରାମଲୀଳାର ପୁନାରବୃତ୍ତି**

## ବସୁମତୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

**ସମ୍ବଲପୁର, ୨୫।୧ (ସମିସ) :** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟରେ ଆଜି ଅପରାହ୍ଣରେ ବସୁମତୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାହିତ୍ୟ ପତ୍ରିକା 'ଭୂମାଶ୍ରୀ' ଲୋକାର୍ପିତ ହୋଇଥିଲା। ଅନୁଗୋଳର ସାହିତ୍ୟିକ ତଥା ଐତିହାସିକ ଗୋବିନ୍ଦ ରାଜଗୁରୁଙ୍କୁ ସ୍ୱର୍ଗତ କ୍ଷମାସାଗର ଦାଶଙ୍କ ସ୍ମୃତିରେ 'ଭୂମାଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଶ୍ରୀ ରାଜଗୁରୁ ଅନୁଗୋଳର ଶେଷ ରାଜା ସୋମନାଥ ସିଂହ ଜଗଦେବଙ୍କ ବ୍ରିଟିଶ ସେନା ସହିତ ଅହରହ ସଂଗ୍ରାମ ବିଷୟରେ ଆଲୋକପାତ କରିଥିଲେ। ସଂସଦର ସମ୍ପାଦକ ଡା. ଗୁଣସାଗର ଦାଶ ଓ ସଙ୍ଗୀତା ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ।

## ଅଧିବକ୍ତା ପରିଷଦ ପକ୍ଷରୁ ଯୁବ ଦିବସ



**ସମ୍ବଲପୁର, ୨୫।୧ (ସମିସ) :** ମ୍ୟୁନିସିପାଲିଟି ଛକସ୍ଥିତ ସାମ୍ବାଦିକ ଭବନଠାରେ ଅଧିବକ୍ତା ପରିଷଦ ପକ୍ଷରୁ ଯୁବ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରାନ୍ତ ପ୍ରଚାରକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡ଼ିଶା ପଶ୍ଚିମ ଶଙ୍କର ପଣ୍ଡା ମୁଖ୍ୟଅତିଥି ଏବଂ ସମ୍ମାନୀତ ଅତିଥି ଭାବେ ରାଜ୍ୟ ସରକାରଙ୍କ ଅଧିବକ୍ତା ପ୍ରଦୀପ ବହିଦାର ଓ ମୁଖ୍ୟବକ୍ତା ଭାବେ ସ୍ୱତନ୍ତ୍ର ନିଶାଦ୍ରବ୍ୟ ସରକାରୀ ଅଧିବକ୍ତା ସତ୍ୟନାରାୟଣ ପଣ୍ଡା ଯୋଗ ଦେଇଥିଲେ। ସମ୍ବଲପୁରର ଗଣମାନ୍ୟ ଅଧିବକ୍ତାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାରଙ୍କ ଅଧିବକ୍ତା ଦିଲୀପ କୁମାର ପଣ୍ଡା ପରିଚାଳନା କରିଥିଲେ। ବନ୍ଦେ ମାତରମ୍ ଗାନକରି ସଭା ଆରମ୍ଭ ହୋଇଥିଲା। ଅତିଥିଗଣ ନିଜ ବକ୍ତବ୍ୟରେ ସମାଜକୁ ସୁଦୃଢ଼, ସଂସ୍କାର, ପ୍ରଦାନ କରିବା ଆମ କର୍ତ୍ତବ୍ୟ, ଧର୍ମ, ସଂସ୍କୃତି, ଐତିହ୍ୟକୁ ବଜାୟ ରଖିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଯୁବ ଆଇନଜୀବୀମାନେ ସ୍ୱାମୀ ବିବେକାନନ୍ଦଙ୍କ ପଥରେ ଅଗ୍ରସର ହେବାପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ଅରବିନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ସମ୍ବଲପୁର ଜିଲ୍ଲାରେ ଖରିଫ୍ ଧାନକିଣାରେ ଅବ୍ୟବସ୍ଥା

## ୩୧ ପର୍ଯ୍ୟନ୍ତ ସମୟ ଦେଲେ ଚାଷୀ

**ସମ୍ବଲପୁର, ୨୫।୧ (ସମିସ) :** ସମ୍ବଲପୁର ଜିଲ୍ଲାରେ ଖରିଫ୍ ଧାନକ୍ରୟ ଗୋଟିଏ ମାସ ବିଳମ୍ବରେ ନଭେମ୍ବର ୨୮ ତାରିଖରେ ଆରମ୍ଭ ହୋଇଥିଲା। ଏହାପରେ ବିଭିନ୍ନ ସମୟରେ ଚାଷୀ ମିଲର୍ଙ୍କ ଦ୍ୱାରା ଧାନ ଉଠାଇବା, ଟୋକନ ସମସ୍ୟା ଆଦିକୁ ନେଇ ଆନ୍ଦୋଳନ କରିଆସୁଛନ୍ତି। ଖଳା ଓ ଖରି ମାନଙ୍କରେ ହଜାର ହଜାର କ୍ୱିଣ୍ଟାଲ ଧାନ ପଡ଼ିରହିଛି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଗତକାଲି ଚାଷୀମାନଙ୍କ ବୈଠକ ହୋଇଥିଲା। ଏଥିରେ ଆସନ୍ତା ୩୧ ତାରିଖ ସୁଦ୍ଧା ଧାନକିଣାକୁ ବ୍ୟବସ୍ଥିତ କରିବା ଏବଂ ପଞ୍ଜିକରଣ ଅନୁଯାୟୀ ସମସ୍ତ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦରରେ ନକିଣିଲେ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ ଆସନ୍ତା ୨୮ ତାରିଖ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାକୁ ନୈତିକ ସମର୍ଥନ ଦିଆଯିବ ବୋଲି କୁହାଯାଇଛି।

ବୈଠକରେ ଆସନ୍ତା ୨୮ ତାରିଖ ଓଡ଼ିଶା ବନ୍ଦକୁ ସମ୍ବଲପୁର ଜିଲ୍ଲା କୃଷକ ସଙ୍ଗଠନ ପକ୍ଷରୁ ନୈତିକ ସମର୍ଥନ କରାଯିବ କିନ୍ତୁ ବନ୍ଦ କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଯେହେତୁ ଡିସେମ୍ବର ୧୯ ତାରିଖ ସମ୍ବଲପୁର ବନ୍ଦ ହୋଇଥିଲା ଏବଂ ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ସମର୍ଥନ କରିଥିଲେ, ତେଣୁ ଜନସାଧାରଣଙ୍କୁ ଅସୁବିଧା ନକରିବାକୁ ମତପ୍ରକାଶ ପାଇଥିଲା। କୁଚିଣ୍ଡା ଓ ରେଢ଼ାଖୋଲରେ ଲକ୍ଷ ଲକ୍ଷ ବସ୍ତା ଧାନ ପଡ଼ିରହିଛି। ଏଣୁ ଜାନୁଆରୀ ୩୧ ତାରିଖ ସୁଦ୍ଧା ଧାନ କିଣାବିକାକୁ ବ୍ୟବସ୍ଥିତ କରିବା, ଚାଷୀ ଯେତେ ପଞ୍ଜିକରଣ କରିଛି ସମସ୍ତ ଧାନ ସରକାର କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣିବା ଏବଂ ରବି ଧାନ ସରକାର କିଣିବେ ନା' ନାହିଁ ୩୧ ତାରିଖ ସୁଦ୍ଧା ସ୍ପଷ୍ଟ କରିବାକୁ ଦାବି କରାଯାଇଛି। ନଚେତ୍ କୃଷକ ସଙ୍ଗଠନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ କରାଯିବ ଏବଂ ଏହା କେବଳ ସମ୍ବଲପୁର ନୁହେଁ ସମଗ୍ର ପଶ୍ଚିମ ଓଡ଼ିଶାରେ ଗାଁ ଗାଁରେ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଆନ୍ଦୋଳନ ପଶ୍ଚିମ ଓଡ଼ିଶାସ୍ତରରେ କରାଯାଇ ଏହା ପୂର୍ବ ଓଡ଼ିଶାର ଚାଷୀମାନଙ୍କୁ ନେଇ କରାଯିବ ବୋଲି କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ କୁହାଯାଇଛି।

ଚଳିତବର୍ଷ ଜିଲ୍ଲାରେ ଖରିଫ୍ ଧାନକ୍ରୟରେ ଅବ୍ୟବସ୍ଥା ଲାଗି ରହିଛି। ଏପର୍ଯ୍ୟନ୍ତ ବହୁ ଚାଷୀଙ୍କୁ ପ୍ରଥମ ଟୋକନ ମିଳିନଥିବାବେଳେ ଦ୍ୱିତୀୟ ଟୋକନରେ ଆଶା ମୁତାବକ ନିର୍ଦ୍ଧାରିତ କ୍ୱିଣ୍ଟାଲ ଧାନ କିଣା ଯାଉନଥିବା ଅଭିଯୋଗ ହେଉଛି। ଚାଷୀ ଖରିଫ୍ ରତୁର ଧାନ ଅମଳ କରି ଜଗି ବସିରହିଛି। ସରକାର ପ୍ରଥମେ ଚାଷୀର ସବୁ ଉତ୍ପାଦ ଧାନ ପଞ୍ଜିକରଣ ଅନୁଯାୟୀ କିଣିବେ ବୋଲି କହିଥିଲେ। ପୁଣି ଏବେ ମାତ୍ର ୧୫୦ କ୍ୱିଣ୍ଟାଲ କିଣିବେ ବୋଲି କହୁଛନ୍ତି। ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ବାରମ୍ବାର ଚାଷୀ ବିରୋଧୀ ମନ୍ତବ୍ୟ ଦେଉଛନ୍ତି। ଅନ୍ୟବର୍ଷ ମାନଙ୍କରେ ସବୁ ଧାନ କିଣୁଥିବାବେଳେ କିଛି ଅସୁବିଧା ହେଉନଥିଲା। ସବୁ ଧାନ କିଣିବୁ ବୋଲି କହି ବହୁ ଚାଷୀଙ୍କଠାରୁ ଧାନକିଣା କମ୍ ପରିମାଣରେ ସୀମିତ ରଖିଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି।



ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଆସନ୍ତା ୩୧ ତାରିଖ ମଧ୍ୟରେ ଯଦି ସରକାର ଧାନ କିଣାବିକା ବ୍ୟବସ୍ଥିତ ନକରିବେ ଏବଂ ଚାଷୀ ପଞ୍ଜିକରଣ କରିଥିବା ସମସ୍ତ ଧାନ ଯଦି ନକିଣିବେ ତେବେ ଆଗାମୀ ଦିନରେ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ଆରମ୍ଭ ହେବ। ଏବେ ବି ଗାଁ ଗାଁରେ ଧାନ ପଡ଼ିରହିଛି। କେତେକ ଚାଷୀଙ୍କ ମାସେ ଉପରେ ସମୟ ବିତିବାପରେ ପେମେଣ୍ଟ ମିଳିନାହିଁ। ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ଗାଁ ଗାଁରେ ଆରମ୍ଭ ହେବ। ସରକାର ଧାନ ନକିଣିବା ପର୍ଯ୍ୟନ୍ତ ଏବଂ ରବି ଧାନ ବିଷୟରେ ଘୋଷଣା ନକରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଭାପତି ଶ୍ରୀ ଠାକୁର ସୂଚନା ଦେଇଛନ୍ତି।

## ଗଙ୍ଗାଧର ମଣ୍ଡପରେ ହିନ୍ଦୁ ସମ୍ମିଳନୀ

**ସମ୍ବଲପୁର, ୨୫।୧(ସମିସ):** ସ୍ଥାନୀୟ ଗଙ୍ଗାଧର ମଣ୍ଡପରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସମ୍ମିଳନୀ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କ୍ରିୟା ଯୋଗ କେନ୍ଦ୍ରର ସ୍ୱାମୀଜୀ ଦେବ ପ୍ରଜ୍ଞାନନ୍ଦ ଯୋଗ ଦେଇ ବଂଶ ଓ ମାତୃ ପିତୃ ଋଣ ରକ୍ଷା ପାଇଁ ବିବାହ ଜରୁରୀ ଅଟେ। ଅନ୍ୟପଟେ ଦିନକୁ ଦିନ ହିନ୍ଦୁ ସଂଖ୍ୟାଲଘୁ ହେବାରେ ବସିଛି। ତେବେ ସୁରକ୍ଷିତ ଭବିଷ୍ୟତ ପାଇଁ ହିନ୍ଦୁ ସଙ୍ଗଠିତ ଓ ସଚେତନ ହେବା ଜରୁରୀ ଅଟେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦ ଅଖିଳ ଭାରତୀୟ ସହ ସଙ୍ଗଠନ ମନ୍ତ୍ରୀ ବିନାୟକ ଜୀ ଦେଶ ପାଣ୍ଡେ ଯୋଗ ଦେଇ ସ୍ୱଦେଶୀ ଭାଷା ଓ ଭୂଷା ଉପରେ ଗୁରୁତ୍ୱ ଦେବାସହ ସଂସ୍କୃତି ଏବଂ ଧର୍ମର ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ସୌନଲ ପୋଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉତ୍କଳ ପ୍ରଦେଶିକ ମାରୱାଡ଼ି ମହିଳା ସମିତି ଅଧ୍ୟକ୍ଷା ରୀତା ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଶାନ୍ତି ପାଠ ସହ ମହାଆଳତି କରାଯାଇଥିଲା। ସମିତିର ସାଧାରଣ ସମ୍ପାଦକ ଚନ୍ଦନ ସା ଧନ୍ୟବାଦ ଦେଇଥିଲେ।




## ବିଶ୍ୱ ଭାରତୀ ଓଡ଼ିଆ ସାହିତ୍ୟ ପରିଷଦ ପକ୍ଷରୁ ବସନ୍ତ ପଞ୍ଚମୀ

ସମ୍ବଲପୁର, ୨୫।୧(ସମିସ): ପଶ୍ଚିମବଙ୍ଗ ବିଶ୍ୱ ଭାରତୀ ଓଡ଼ିଆ ସାହିତ୍ୟ ପରିଷଦ ପକ୍ଷରୁ ଗତ ମହିସ୍ ଢାଲ୍, ପ୍ରାନ୍ତିକ ରୋଡ଼ ପାଖ କୋପାଇ ନଦୀ ପାର୍ଶ୍ୱରେ ପବିତ୍ର ବସନ୍ତ ପଞ୍ଚମୀ ବିଧିବଦ୍ଧ ଭାବେ ପାଳିତ ହୋଇଛି। ସାଂସ୍କୃତିକ ଶୋଭାଯାତ୍ରାରେ ମା'ଙ୍କର ଭସାଣି ହୋଇଥିଲା। ୧୯୫୨ମସିହାରୁ ପ୍ରତିଷ୍ଠିତ ବିଶ୍ୱଭାରତୀ ଓଡ଼ିଆ ସାହିତ୍ୟ ପରିଷଦର ସମ୍ପାଦକପ୍ର.ହରେକୃଷ୍ଣ ମିଶ୍ର, ପ୍ର. ମନୋରଞ୍ଜନ ପ୍ରଧାନ, ଡ.ଇନ୍ଦ୍ରମଣି ସାହୁ, ପ୍ର.ପ୍ରତାପ ପାଢ଼ୀ, ଡ.ସୁଶିଲ ସାହୁ, ଡ.ରମେଶ ମେହେର, ଡ.କୁମୁଦଚନ୍ଦ୍ର ପାଣିଗ୍ରାହୀ, ସୁଜିତ୍ କୁମାର ପୁଟି, ରଞ୍ଜନ ସେନାପତି, ଛାତ୍ର ସମ୍ପାଦକ ଶ୍ରୀତମଙ୍କ ସହିତ ପ୍ରାୟ ୧୫୦ ରୁ ଅଧିକ ସଂଖ୍ୟକ ଗବେଷକ, ଗବେଷିକା, ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ସମ୍ବିଧାନରେ ନାରୀଙ୍କ ଅଧିକାର ଉପରେ ଆଲୋଚନା

**ସମ୍ବଲପୁର, ୨୫।୧(ସମିସ):** ରବିବାର ବୁର୍ଲା ଡିଏଫସି ଗେଷ୍ଟ ହାଉସ ଠାରେ ମହିଳା ସଂଘ ସମ୍ବଲପୁର ଉପସଭା ନେତ୍ରୀ ଯମୁନା ଶିକାଙ୍କ ସଭାପତିତ୍ୱରେ ଭାରତୀୟ ସମ୍ବିଧାନର ନାରୀଙ୍କ ଅଧିକାର ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଡ. ସୁଶିଲ କୁମାର ବେହେରା ମୁଖ୍ୟ ବକ୍ତା ସମାଜସେବୀ ନିହାଲ ସିଂ ଉପସ୍ଥିତ ରହି ସାବିତ୍ରୀ ବାଇ ଫୁଲେ, ସେଖ୍ ଫତିମା ଝଲକାରି ବାଇ ଝାଂଶି ରାଣୀ ଲକ୍ଷ୍ମୀ ବାଇ ପାର୍ବତୀ ଗିରି ଓ ଅନେକ ମହିଳାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏଥିରେ ସମ୍ପାଦିକା ସରସ୍ୱତୀ ହରିପାଲ, ସହ ସମ୍ପାଦିକା ଲକ୍ଷ୍ମୀ ଛତ୍ରିଆ, କୋଷାଧ୍ୟକ୍ଷ ନିବାସିନି ସୁନା, ସଂଗଠନ ସମ୍ପାଦିକା ଅନିତା ସୁନା ପ୍ରମୁଖ ଯୋଗ ଦେଇଥିଲେ।



## ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

**ସମ୍ବଲପୁର, ୨୫।୧ (ସମିସ) :** ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆଜି ରବିବାର ସନ୍ଧ୍ୟାରେ ସଙ୍ଗୀତର ସ୍ୱରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରମାନଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ଶୁଭାରମ୍ଭ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ ହୋତା, ଦେବ କୁମାର ଅଜମେରିଆ, ଡକ୍ଟର ଶ୍ୟାମ ସୁନ୍ଦର ଧର, ଗୁରୁ ରଞ୍ଜନ ସାହୁ, ସୁଶୀଲ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁରର କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ। କଣ୍ଠଶିଳ୍ପୀ ଚକ୍ରଧର ପ୍ରଧାନ, ଶୁଭଲକ୍ଷ୍ମୀ ବେହେରା, ଯୋଗୀତା ରାଣୀ ଭୋଇ, କିରନ ସାହୁ, ପ୍ରଣତି ମିଶ୍ର, ବିଜୟ କୁମାର ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର ଓ ପ୍ରମୋଦ କୁମାର ମିଶ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ଭାଗିରଥୀ ସିଂହଦେଓ, ରଞ୍ଜନ କୁମାର ହୋତା, ସୁମିତ କୁମାର ପ୍ରଧାନ, ଦିବାକର ମହାନନ୍ଦ ଓ ଅମୀର ମହାନନ୍ଦ ସହଯୋଗ କରିଥିଲେ। ଦିବାକର ମହାନନ୍ଦ ସଂଯୋଜନା ତଥା ତ୍ରିଲୋଚନ ତ୍ରିପାଠୀ ସଞ୍ଚାଳନ କରିଥିଲେ। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ 'ଭଜନ ସନ୍ଧ୍ୟା' ନିୟମିତ ଭାବରେ ଆୟୋଜନ କରାଯାଉଛି। ସ୍ଥାନୀୟ କଳାକାର ଓ ଶିଳ୍ପୀମାନଙ୍କ ସହଭାଗିତାରେ ଏହି ପ୍ରୟାସ ସମ୍ବଲପୁରର ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବ ବୋଲି ଭକ୍ତମାନେ ଆଶାପ୍ରକାଶ କରିଛନ୍ତି। ମା'ଙ୍କ ପୀଠ ସମ୍ବଲପୁରର ଆଧ୍ୟାତ୍ମିକ ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ର ଏବଂ ଆଗାମୀ ଦିନରେ ଏ ଦିଗରେ ଟ୍ରଷ୍ଟ ବୋର୍ଡ ଆହୁରି ଅନେକ ପଦକ୍ଷେପ ନେବାକୁ ଯୋଜନା କରିଛି ବୋଲି ସଭାପତି ସଞ୍ଜୟ ବାବୁ କହିଛନ୍ତି।



### ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ

## ଜ୍ୟୋତିବିହାରରେ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ 'ଏଆଇ-ଏମ୍‌ଏଲ୍' ଲ୍ୟାବ୍

**ସମ୍ବଲପୁର, ୨୫।୧(ସମିସ)**

ବର୍ତ୍ତମାନ ସମୟରେ ବିନା ଇନୋଭେସନରେ ଟେକ୍ନୋଲୋଜିର ବିକାଶ ଅସମ୍ଭବ। ଓଡ଼ିଶା ସରକାରଙ୍କ ସହାୟତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ(ଏସ୍‌ୟୁ) ପରିସରରେ ଖୁବ ଶୀଘ୍ର ଏଆଇ(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଏବଂ ଏମଏଲ (ମେସିନ ଲର୍ଣ୍ଣିଂ) ଲ୍ୟାବ ସ୍ଥାପନ କରାଯାଉଛି। ଏହା କେବଳ ଏକ ଭିତ୍ତିଭୂମି ନୁହେଁ, ବରଂ ଓଡ଼ିଶାର ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ବଡ଼ ମାଇଲଖୁଣ୍ଟ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ପ୍ରଦ୍ୟୋଗିକ ସଂସ୍ଥାନ (ସୁଇଟ) ଠାରେ ପ୍ରାୟ ୧୭୫ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିଶ୍ୱବିଦ୍ୟାଳୟର ୫୯ ବର୍ଷ ପୂର୍ତ୍ତି ଅବସରରେ ଏହି ପ୍ରକଳ୍ପଗୁଡ଼ିକ ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି କହିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନଆଇଟି ରାଉରକେଲା ସହ ଅନୁବନ୍ଧିତ ହୋଇ ପ୍ରଥମ ଥର ପାଇଁ ୧୩ କୋଟି ଟଙ୍କାର ରିସର୍ଚ୍ଚ ଫଣ୍ଡ ପାଇଛି, ଯାହା ଏକ ବଡ଼ ଉପଲବ୍ଧି। ଏଥିସହ ୧୪ଟି ନୂଆ ପେଟେଣ୍ଟ ମଧ୍ୟ ଆରମ୍ଭ ହେବା ଗୌରବର ବିଷୟ।



ସମ୍ବଲପୁରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମେତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଭିମସାର, ଭିସୁଟ, ଆଇଆଇଏମ, ଓଡ଼ିଶା ଓପନ ୟୁନିଭର୍ସିଟି ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ରହିଛି। ଏହି ସମସ୍ତ ଅନୁଷ୍ଠାନର ସମନ୍ୱୟରେ ସମ୍ବଲପୁରକୁ ଏକ 'ଜ୍ଞାନ ଆଧାରିତ ଅର୍ଥନୀତି' କେନ୍ଦ୍ରରେ ପରିଣତ କରିବାକୁ ହେବ। କେବଳ ଚାକିରି ପଛରେ ନଗୋଡ଼ାଇ, ନିଜେ ଜଣେ ଜଣେ ୱେଲଥ୍ କ୍ରିଏଟର ବା ଉଦ୍ୟୋଗୀ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବାକୁ ହେବ। ଏ ଦିଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି। ଶ୍ରୀ ପ୍ରଧାନ ଦୁଇଟି ଇନଡୋର୍ ବ୍ୟାଡମିଣ୍ଟନ ଷ୍ଟାଡିୟମର ଲୋକାର୍ପଣ କରିଥିବା ବେଳେ ଅନ୍ୟ ସମସ୍ତ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିମଧ୍ୟରେ ସୁଇଟ୍ ପାଇଁ ୪୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଏବଂ ବିଶ୍ୱବିଦ୍ୟାଳୟ ପାଇଁ ପୃଥକ ୫୦୦ ଓ ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ରହିଛି। ପ୍ରାୟ ୩୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ଇନଡୋର୍ ଷ୍ଟାଡିୟମ, ସିନ୍ଥେଟିକ୍ ଆଥଲେଟିକ୍ ଷ୍ଟାଡିୟମ, ଫୁଟବଲ ଓ କ୍ରିକେଟ୍ ଷ୍ଟାଡିୟମ ଆଦି ନିର୍ମାଣ କରାଯିବ। ସେହିପରି ବୈଦ୍ୟୁତିକ ପ୍ରୟୋଗଶାଳା, ନୂତନ ଶିକ୍ଷଣୀୟ ଭବନ, ବହୁମୁଖୀ ଶିକ୍ଷଣ କେନ୍ଦ୍ର. ଉତ୍କର୍ଷ କେନ୍ଦ୍ର, ଇନକ୍ୟୁବେସନ ସେଣ୍ଟର ଅନ୍ୟାନ୍ୟ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ବସ୍ ଧକ୍କାରେ ଜଣେ ମୃତ

**ସମ୍ବଲପୁର, ୨୫ା୧(ସମିସ):** ଅଇଁଠାପାଲି ତଳିଛକରେ ଆଜି ସନ୍ଧ୍ୟାରେ ଆମ ବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଅନୁଗୋଳ ଜିଲ୍ଲା କଞ୍ଚରା ଗ୍ରାମର ନୀରଦ ସାହୁ (୪୮) ବୋଲି ସୂଚନା ମିଳିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିସାଳୟକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଶବକୁ ଶବଗୃହରେ ରଖାଯାଇଛି। ଆସନ୍ତାକାଲି ପରିବାର ଲୋକେ ଆସିବାପରେ ଶବ ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୁଲିସ ଜବତ କରିବାସହ ଚାଳକକୁ ଅଟକ ରଖିଛି। ମିଳିଥିବା ସୂଚନା ଅନୁସାରେ ନୀରଦ ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ଅଇଁଠାପାଲି ପିଏଚ୍‌ଡି ପଡ଼ିଆ ପଟୁ



ପ୍ରେସ କ୍ଲବ ପଟକୁ ଯାଉଥିଲେ। ସେ ତଳିଛକରେ ରାସ୍ତାପାରି ହେଉଥିବା ସମୟରେ ଆମ ବସ୍ ତାଙ୍କୁ ଧକ୍କା ଦେଇଥିବା କୁହାଯାଉଛି। ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ଜିଲ୍ଲା ଚିକିତ୍ସାଳୟକୁ ଆସି ପହଞ୍ଚିବା ସହ ସରକାରୀ ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ଦିଆଯିବ ଏବଂ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

# 'ପ୍ରଗିତ' ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

**ସମ୍ବଲପୁର, ୨୫ା୧(ସମିସ):** ସ୍ଥାନୀୟ ହାଉସିଂବୋଡ୍‌ର୍ କଲୋନୀରେ ପ୍ରଗତି ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ତରଫରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଶନିବାର ଠାରୁ ସୋମବାର ଯାଏଁ ଜିଲ୍ଲାସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ ହେଉଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗିରିଶ ପଟେଲ ଓ ସମ୍ମାନିତ ଅତିଥି ରୂପେ ଅଶ୍ୱିନୀ ସ୍ୱାଇଁ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ମନୋଜ ଶର୍ମା ଓ ସମ୍ପାଦକ ନବ କିଶୋର ବାଗଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମକୁ ଏକାମ୍ର ରଞ୍ଜନ ପତି, ରାଜେନ୍ଦ୍ର ସାହୁ, ବ୍ରହ୍ମାନନ୍ଦ ରାଉତ, ଦୁର୍ଗା ପ୍ରସାଦ ବିଶୋଇ, ଭକ୍ତ ଦାସ, କୌଶିକ ସେଠ, ଫକୀର ମିର୍ଲି, ସତ୍ୟମ ପାରୁଆ ଓ ରିଙ୍କୁ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ରେଢ଼ାଖୋଲରେ ଜାତୀୟ ମତଦାନ ଦିବସ

**ରେଢ଼ାଖୋଲ, ୨୫ା୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ ରବିବାର ଦିନ ଜାତୀୟ ମତଦାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ



ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ନାରାୟଣ ସେନାପତି, ତହସିଲଦାର ରାମ ଗୋବିନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ, ସରକାରୀ ଜିଲ୍ଲାପାଳ ତୃପ୍ତିମୟୀ ସାହୁ, ଭୀମଭୋଇ କଲେଜ ଓଡ଼ିଆ ଅଧ୍ୟାପକ ଡ. ମନୋରଞ୍ଜନ ମହନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଭୀମଭୋଇ କଲେଜ ଇଂରାଜୀ ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅଧିକାରୀ, ପଞ୍ଚାୟତ ସରପଞ୍ଚ ସମିତି ସଭ୍ୟ, ଛାତ୍ରଛାତ୍ରୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଭୋଟର ଦିବସରେ ଉପଜିଲ୍ଲାପାଳ ଉପସ୍ଥିତରେ ଲୋକଙ୍କୁ ଭୋଟର ଦିବସର ଶପଥ ପାଠ କରାଇଥିଲେ। ତଥା ଭୟ କିମ୍ବା ହେରଫେର ବିନା ମତଦାନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ଭୀମଭୋଇ କଲେଜରୁ ରେଢ଼ାଖୋଲ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବଡ଼ମାଳର ଭୋଟ ସ୍ତରୀୟ ଅଧିକାରୀ ପ୍ରମୋଦା ମିଶ୍ରଙ୍କୁ ସର୍ବଶ୍ରେଷ୍ଠ ବିଏଲଓ ପାଇଁ ସମ୍ମାନିତ କରାଯାଇଥିଲା। ଶେଷରେ ଇଂରାଜୀ ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷାବିତ୍ ପଦ୍ମଶ୍ରୀ ପର୍ଶୁରାମ ମିଶ୍ରଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୫ା୧(ସମିସ)**

ବିଶିଷ୍ଟ ଉଦ୍ଭିଦ ବିଜ୍ଞାନୀ ତଥା ଶିକ୍ଷାବିତ୍ ପଦ୍ମଶ୍ରୀ ଡକ୍ଟର ପର୍ଶୁରାମ ମିଶ୍ରଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶାର ଜଣେ ପ୍ରବୀଣ ଶିକ୍ଷାବିତ୍ ଏବଂ ପରିବେଶବିତ୍ ପଦ୍ମଶ୍ରୀ ଡକ୍ଟର ପର୍ଶୁରାମ ମିଶ୍ର ଦୂରଦୃଷ୍ଟିସମ୍ପନ୍ନ ଥିଲେ। ସେ ଶିକ୍ଷାର ମାନଦଣ୍ଡକୁ ଉନ୍ନତ କରିବା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ। ସେ ଏଭଳି ଏକ ଭବିଷ୍ୟତର ଓଡ଼ିଶା କଳ୍ପନା କରିଥିଲେ ଯେଉଁଠାରେ ପ୍ରତ୍ୟେକ ପିଲା ସେମାନଙ୍କର ସାମାଜିକ-ଆର୍ଥିକ ସ୍ଥିତି ନିର୍ବିଶେଷରେ ଉଚ୍ଚଶିକ୍ଷା ପାଇଁ ଆକାଂକ୍ଷା କରିବ। ସେ ସର୍ବଦା ନବସୃଜନ ଏବଂ ଗବେଷଣା ଭିତ୍ତିକ ଶିକ୍ଷା ଉପରେ ଧ୍ୟାନ ଦେଇଥିଲେ। ସେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଏବଂ ପ୍ରଥମ କୁଳପତି ଥିଲେ। ଆଜି ତାଙ୍କ ଜୟନ୍ତୀ ଅବସରରେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ପୂର୍ବତନ ବିଧାୟକ ନାଉରୀ ନାୟକ, ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର, ଗିରୀଶ ପଟେଲ, ସବିତା ନନ୍ଦ, ଡଃ ପ୍ରମୋଦ ରଥ, ମାନସ ରଞ୍ଜନ ବକ୍ସି, ରାଜୀବ



ଶତପଥୀ, ଡା. ପ୍ରଭାସ ଦେବତା, ଅରବିନ୍ଦ ନାୟକ, ଫଣୀଭୂଷଣ ମିଶ୍ର, ସଞ୍ଜୀବ ତ୍ରିପାଠୀ, ଶ୍ରୀକାନ୍ତ ପାଣିଗ୍ରାହୀ ପ୍ରମୁଖଙ୍କ ସହ ପରିବାର ସଦସ୍ୟ ଡକ୍ଟର ଦୁର୍ଗାମାଧବ ମିଶ୍ର, ବରଦା ମାଧବ ଗୁରୁ, ଶ୍ୟାମକାନ୍ତ ମିଶ୍ର, ଡଃ ଲିପିକା ମିଶ୍ର, ଶ୍ରଦ୍ଧାନନ୍ଦ ଗୁରୁ, ବିବେକ ଗୁରୁ, ଶୋଭନ ଆନନ୍ଦ ଗୁରୁ, ଉଭାଶିଷ ଗୁରୁ ଉପସ୍ଥିତ ଥିଲେ।

# ଫାଶୀମାଲ୍ ସରକାରୀ ପ୍ରାଥମିକ ବିଦ୍ୟାଳୟର ବର୍ଷ ପୂର୍ତ୍ତି ସମାରୋହ

**ଜମନକିରା, ୨୫ା୧ (ସମିସ):** ଜମନକିରା ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଫାଶୀମାଲର ୧୨୫ ବର୍ଷ ପୂର୍ତ୍ତି ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ତିନି ଦିନ ଧରି ୧୨୫ ବର୍ଷ ପୂର୍ତ୍ତି ମହୋତ୍ସବ ଅନୁଷ୍ଠିତ ହୋଇ ଥିଲା। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁରାତନ ବିଦ୍ୟାର୍ଥୀ ସଙ୍ଘ ଏବଂ ଫାଶୀମାଲ ଅଞ୍ଚଳବାସୀ ଫାଶିମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୨୫ ବର୍ଷ ପୂର୍ତ୍ତି ମହୋତ୍ସବ ଉପଲକ୍ଷେ ଅବସରପ୍ରାପ୍ତ ଇଞ୍ଜିନିୟର ଜୟମଙ୍ଗଳ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ମୁଖ୍ୟବକ୍ତା ଭାବରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଜମନକିରା ବିଡିଓ ରବୀନ୍ଦ୍ର ସେଠୀ, ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ଜ୍ୟୋତିବିହାର ବୁର୍ଲା ମଳୟ ରଞ୍ଜନ ମହାନନ୍ଦ, ଫାଶିମାଲ ସରପଞ୍ଚ ମାଧବୀ ଲତା ବରିହା, କେଦାରନାଥ ବରିହା ମହୋତ୍ସବ ସଭାପତି, ସୁନିଲ ମୁଦୁଲି ଉପସଭାପତି ମଞ୍ଚାସିନ ଥିଲେ। ମୁଖ୍ୟଅତିଥି ସ୍ୱାସ୍ଥ୍ୟ ମନ୍ତ୍ରୀ ଅଭିଭାଷଣ ରେ ଶିକ୍ଷା ବ୍ୟବସ୍ଥା ଦୁର୍ବଳ ହେଲେ ଦେଶ ଦୁର୍ବଳ ହୋଇଯାଏ। ଏଣୁ ଶିକ୍ଷା ବ୍ୟବସ୍ଥା ରେ ସଂସ୍କାର ନିମନ୍ତେ ନୂଆଁ ଶିକ୍ଷା ନୀତି ୨୦-୨୦ ପ୍ରଣୟନ କରିବାକୁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପରେ ମନ୍ତ୍ରୀ ଶ୍ରୀ ନାଏକ ବିଦ୍ୟାଳୟକୁ ଭୂମିଦାନ କରିଥିବା ବ୍ୟକ୍ତି ଓ ଜୟମଙ୍ଗଳ ନାୟକ, ଗଗନ ବିହାରୀ ନାୟକ ସଫଳ ଚାଷୀ, ଭୂୟାଁ ବାବୁଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ଜଣେ ଉତ୍ତମ କଳାକାର ଭାବେ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରତିଷ୍ଠିତ ଲୋକ କବି ରତ୍ନ ଓ ଲେଖକ ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇଥିଲେ। ପ୍ରଥମ ଦିନରେ ସକାଳେ କଳସ ଯାତ୍ରା, ମଶାଲ ଶୋଭାଯାତ୍ରା ପରେ ଅପରାହ୍ନରେ



୧୨୫ ବର୍ଷ ପୂର୍ତ୍ତି ମହୋତ୍ସବ ସ୍ମୃତି ତୋରଣ ଉଦ୍‌ଘାଟନ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର ପ୍ରଥମ ଅଧିବେଶନରେ ସଭାକାର୍ଯ୍ୟ ହେବା ପରେ ଗୁରୁପୂଜନ ସହ ପୁରାତନ ବିଦ୍ୟାର୍ଥୀଙ୍କ ବନ୍ଧୁ ମିଳନ ହୋଇ ଥିଲା। ମୁଖ୍ୟ ଅତିଥି ଭାବରେ ଜମନକିରା ଜିଲ୍ଲା ପରିଷଦ ଜୋନ-୧ ସୁଜାତା ଖୁଣ୍ଟିଆ, ମୁଖ୍ୟବକ୍ତା ଭାବରେ ଫାଶୀମାଲ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ଜୋସ୍ନାରାଣୀ ଦଳବେହେରା, ସମ୍ମାନିତ ଅତିଥି ଭାବରେ ବିଡ଼ିଓ ରବୀନ୍ଦ୍ର ସେଠୀ, ଏବିଇଓ ଦେବକୀ ନାଏକ, ଫାଶୀମାଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ ହରିଶ ଚନ୍ଦ୍ର ବାଗ, ସରପଞ୍ଚ ମାଧବୀଲତା ବରିହା ଯୋଗ ଦେଇ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁର ଜିଲ୍ଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡ଼ ପଣ୍ଡା, ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପ୍ରଫେସର ଗୋପି ନାଥ ବାଗ, କେଦାର ବରିହା, ସୁନିଲ ମୁଦୁଲି, ଗୋପାଳ ଜି ନାଏକ ପ୍ରମୁଖ ସ୍ମରଣିକା ଉନ୍ମୋଚନ କରା ଯାଇଥିଲା। କୁଟୁରାଚୁଆ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ସତ୍ୟ ନାରାୟଣ ପଟେଲ, ପ୍ରଧାନଶିକ୍ଷକ ଗୋପାଳ ଜି ନାଏକ, କବିତା ପଟେଲ, ରିବିକା ମହାନନ୍ଦ, ରଞ୍ଜିତ ପ୍ରଧାନ, ପୁଷ୍ପା ପ୍ରଧାନ, ଲୋକନାଥ ପ୍ରଧାନ, ସୋଲାଲି ସେଠ, ରୋଜାଲିନ ସାହୁ, ଅଙ୍କିତା ସା, ସବିତା ପଟେଲ ଅଞ୍ଚଳ ମହିଳା ମଣ୍ଡଳୀ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ଜମିଦାତା, କୁବେର ଚନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ।

# କିସ୍-କିଟ୍ ପକ୍ଷରୁ ମିନି ମାରାଥନ

**ସମ୍ବଲପୁର, ୨୫ା୧(ସମିସ):** ଶିକ୍ଷା ସମସ୍ତଙ୍କ ପାଇଁ ବିଷୟକୁ ନେଇ କିଟ୍ ଓ କିସ୍ ପକ୍ଷରୁ ସମ୍ବଲପୁରରେ ମିନି ମାରାଥନ୍ ଆୟୋଜିତ ହୋଇଛି। ଜିଲ୍ଲା ସ୍କୁଲ ଛକରୁ ମାରାଥନ ବାହାରି ଫୋରସି ପାର୍କରେ ପହଞ୍ଚିଥିଲା। ସରକାରୀ ମହିଳା ମହାବିଦ୍ୟାଳୟର ଉଦ୍ଭିଦ୍ ବିଜ୍ଞାନ ଅଧ୍ୟାପକ ପବିତ୍ର ମୋହନ ବେହେରା, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଅକ୍ଷୟ ଭୋଇ, କିଟ୍ ସ୍କୁଲ ଅଫ ମେନେଜମେଣ୍ଟର ପ୍ରଫେସର ସରୋଜ ରାଉତରାୟ ପ୍ରମୁଖ ମାରାଥନକୁ ଉଦ୍‌ଘାଟନ କରିଥିଲେ। ପରେ ଫୋରସି ପାର୍କରେ ବୈଠକ ହୋଇଥିଲା। ଅତିଙ୍କ ସହ ସମାଜସେବୀ ଯୁବରାଜ ଭୋଇ, କିସ ସମ୍ବଲପୁର ଜିଲ୍ଲା କୋଡ଼ିନେଟର ଆକାଶ ବିଶ୍ୱକର୍ମା, ସାମ୍ବାଦିକ ଶ୍ରବଣ କୁମାର ପତି, ସାମ୍ବାଦିକ ମାନସ ସିଂ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।







# ଜାତୀୟ ମତଦାତା ଦିବସ ପାଳିତ






**● ପଥପ୍ରାନ୍ତ ଉତ୍ସବରେ ମହାରାଜ କଂସ ଦେଲେ ସଚେତନତା ବାର୍ତ୍ତା**

**● ଆକର୍ଷଣୀୟ ରଙ୍ଗୋଲି ପ୍ରଦର୍ଶନୀ ଏବଂ ପଦଯାତ୍ରା ଦ୍ୱାରା ଭୋଟର ସଚେତନତା**

ବରଗଡ଼, ୨୫।୧(ସମିସ)

ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ୧୬ ତମ ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଛି । ଗାନ୍ଧୀଛକ ଠାରୁ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଭୋଟର ସଚେତନତା ଶୋଭାଯାତ୍ରା ଆୟୋଜିତ ହେବା ସହ ଗାନ୍ଧୀଛକ ଠାରେ ଏକ ସଚେତନତା ପଥପ୍ରାନ୍ତ ସଭା ହୋଇଥିଲା । ସଭା ପ୍ରାଙ୍ଗଣରେ ରଙ୍ଗୋଲି ପ୍ରଦର୍ଶନୀ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଥିଲା । ପଥପ୍ରାନ୍ତ ଉତ୍ସବରେ ବାଲ୍ ଧନୁଯାତ୍ରାର ମହାରାଜ କଂସଙ୍କ ସମେତ ତାଙ୍କ ପାତ୍ରମନ୍ତ୍ରୀଗଣ, ଦୁଲଦୁଲି ବାଦ୍ୟ, ବଂଶୀ ବାଦନ ମାଧ୍ୟମରେ ଭୋଟରଙ୍କୁ ସଚେତନ କରାଯାଇଥିଲା । ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଯୁବ ଭୋଟଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ସ୍ଥାନାନ୍ତରିକଣ, ଅପସାରଣ, ଆଦି ପ୍ରକ୍ରିୟା ବିଷୟରେ ଅବଗତ କରିବା ସହ ସୁସ୍ଥ ଗଣତନ୍ତ୍ରରେ ଯୁବପିଢ଼ିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଯୁବପିଢ଼ିମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆୟୋଜିତ ହୋଇଥିବା ଉଭୟ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ ବକ୍ତୃତା, ରଚନା ଲିଖନ, ଚିତ୍ରାଙ୍କନ ଏବଂ କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ନିର୍ବାଚନ ମଣ୍ଡଳୀ ସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଉତ୍ସବରେ ବରଗଡ଼ ଡେପୁଟୀ କଲେକ୍ଟର ନିର୍ବାଚନ ସୂର୍ଯ୍ୟମଣୀ ଭୋଇଙ୍କ ସମେତ ଡିଇଜିଏମ ମସ୍ତରାମ ଛନ୍ଦ, ଏଚଆରଏମଏସ ସଂଯୋଜକ ଶ୍ରୀକାନ୍ତ ତ୍ରିପାଠୀ ଏବଂ ଜିଲ୍ଲା ନିର୍ବାଚନ ଉପବିଭାଗର ସମସ୍ତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚଳନରେ ସହଯୋଗ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ମଞ୍ଚ ପରିଚାଳନା କରିଥିଲେ ।

**ବରପାଲି:** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଯୁବ ରେଡ଼କ୍ରସ ଏବଂ ଜାତୀୟ ସେବା ଯୋଜନା ସଂସ୍ଥା ଆନୁକୂଲ୍ୟରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଅଧ୍ୟକ୍ଷା ଶ୍ରୀମତି ଦାଶ ଭୋଟ୍ ଦେବାର ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରିଥିଲେ ।ନୂତନ ଭୋଟରଙ୍କୁ ଭୋଟର ତାଲିକାରେ ପଞ୍ଜୀକରଣ ପାଇଁ ଆହ୍ୱାନ ଦେଇଥିଲେ । ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ ସଂଯୋଜକ ଯତୀନ୍ଦ୍ର କୁମାର ସାହୁ ଏବଂ ଜାତୀୟ ସେବା ଯୋଜନା ଅଧିକାରୀ ପିଙ୍କି ବାରିକ ପ୍ରମୁଖ ଉପସ୍ଥିତ ରହି ନାଗରିକର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହକର୍ମୀ ବୃନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ ।

**ପାଇକମାଳ:** ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପାଇକମାଳରେ ଜାତୀୟ ଭୋଟଦାତା ଦିବସ ପାଳିତ ହୋଇଛି । ବିଦ୍ୟାଳୟର ଉପାଧ୍ୟକ୍ଷ ଅରବିନ୍ଦ ପାତ୍ରଙ୍କ ସଭାପତିତ୍ୱ କରିଥିଲେ ଏବଂ ଅଧ୍ୟାପକ ବଳଦେବ ମେହେର ଶପଥ ପାଠ କରାଇଥିଲେ । ଅଧ୍ୟାପକ ଡ.ରଶ୍ମୀରଞ୍ଜନ ପଟ୍ଟନାୟକ ସଭା ପରିଚାଳନା କରିଥିଲେ ଏବଂ ଭୋଟଦେବା ଏକ ସାମ୍ବିଧାନିକ ଅଧିକାର ବୋଲି ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଭାଗ ନେଇଥିଲେ ।

**● ଅସୁରକ୍ଷିତ ଦେବସ୍ଥାନ**

## ବିଜେପୁର ତାରିଣୀ ମନ୍ଦିରରୁ ଚୋରି

ବିଜେପୁର, ୨୫।୧(ସମିସ): ବରଗଡ଼ ଜିଲ୍ଲାର ବିଜେପୁର ମାଁ ତାରିଣୀ ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ ହେବା ଦିନକ ପରେ ମନ୍ଦିରରୁ ଚୋରି ଘଟଣା ଅଞ୍ଚଳବାସୀଙ୍କୁ ଚକିତ କରି ଦେଇଛି । ଗତ ଶୁକ୍ରବାର ମାଁ ତାରିଣୀଙ୍କ ବିଗ୍ରହ ପ୍ରବେଶ ସହିତ ମନ୍ଦିର ପ୍ରତିଷ୍ଠା ଉତ୍ସବ ଧୁମଧାମରେ ସମାପନ ହୋଇଥିଲା । କିନ୍ତୁ ମାତ୍ର ଦିନକ ପରେ, ଶନିବାର ରାତିରେ କେତେକ ଦୁର୍ବୃତ୍ତ ମନ୍ଦିର ଉପରେ ଲୋଲୁପ ଦୃଷ୍ଟି ପକାଇ ମାଁଙ୍କ ଗହଣା ଓ ପୂଜା ସାମଗ୍ରୀ ଚୋରି କରି ନେଇଛନ୍ତି । ପ୍ରାୟ ୬୦୦ ଗ୍ରାମ ରୁପାରେ ନିର୍ମିତ ଛତ୍ର, ୪ ଗ୍ରାମ ସୁନାରେ ତିଆରି ମଙ୍ଗଳସୂତ୍ର, ସୁନା ପ୍ରଲେପ ଦିଆ ରୁପା ହାର, ରୁପାରେ ତିଆରି ସିନ୍ଦୂର ଫରୁଆ, ଥାଳି, ଗିନା, ୨ଟି ଚାମୁଚ ଭଳି ମୂଲ୍ୟବାନ ପୂଜା ସାମଗ୍ରୀ ଚୋରି ହୋଇଛି । ଘଟଣା ସମ୍ପର୍କରେ ମାଁ ତାରିଣୀ ମନ୍ଦିର କମିଟି ପକ୍ଷରୁ ବିଜେପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ବିଜେପୁର ଅଞ୍ଚଳବାସୀ ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଦୁର୍ବୃତ୍ତ ମାନଙ୍କୁ ଅତିଶୀଘ୍ର ଗିରଫ କରି ଚୋରି ସାମଗ୍ରୀ ଉଦ୍ଧାର କରିବା ସହ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେମାନେ ଦାବି କରିଛନ୍ତି ।

## ବୈଦିକ ଯଜ୍ଞ ପ୍ରସ୍ତୁତି ଚୂଡ଼ାନ୍ତ

**● ଫେବୃଆରୀ ୨୮ ଓ ମାର୍ଚ୍ଚ ୧ରେ ହେବ ଯଜ୍ଞ**

ବରଗଡ଼, ୨୫।୧(ସମିସ): ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ଜିଲ୍ଲା ଆର୍ଯ୍ୟ ସମାଜର ବାର୍ଷିକ ଉତ୍ସବ ଉପଲକ୍ଷେ ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆସନ୍ତା ଫେବୃଆରୀ ୨୮ ଓ ମାର୍ଚ୍ଚ ୧ ଦୁଇ ଦିନ ଧରି ୧୫୧ କୁଣ୍ଡିୟ ବୈଦିକ ବିଶ୍ୱଶାନ୍ତି ବୈଦିକ ଯଜ୍ଞ ଅନୁଷ୍ଠିତ ହେବ । ଏଥିପାଇଁ ରାଣାପ୍ରତାପ ସ୍କୁଲ ପଡ଼ିଆରେ ଜିଲ୍ଲା ସଭାପତି ପୂର୍ଣ୍ଣାନନ୍ଦ ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧ୍ୟକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ବରଗଡ଼ ଟାଉନ ଆର୍ଯ୍ୟ ସମାଜ ସଭାପତି ପଣ୍ଡିତ ଗୋପବନ୍ଧୁ ପୁରୋହିତ, ଅଶୋକ ମେହେର, ପୀତାମ୍ବର ସାହୁ, ବୈଶାଖୁ ସେଠ, ଲଳିତ ମୋହନ ସା ପାଣ୍ଡବ ବାରିକ, ବାଙ୍କା ବିହାରୀ ଭୋଇ, ଲଳିତ ସାହୁ, ବିଶ୍ୱନାଥ ଆଚାର୍ଯ୍ୟ ପ୍ରମୁଖ ବିଭିନ୍ନ ବ୍ଲକର ନେତୃ ସ୍ଥାନୀୟ ପ୍ରତିନିଧି ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ବୈଠକରେ ବରଗଡ଼ ଜିଲ୍ଲାର ସମସ୍ତ ଆର୍ଯ୍ୟ ସମାଜୀ ଓ ବେଦ ପ୍ରେମୀ ଉକ୍ତ ଯଜ୍ଞ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଆହ୍ୱାନ ଦିଆ ଯାଇଥିଲା । ଶେଷରେ ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ସମ୍ପାଦକ ରାଜ ବରାଡ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁଭାଷ ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ବରଗଡ଼, ୨୫।୧(ସମିସ): ପଞ୍ଚାୟତ କଲେଜ ବରଗଡ଼ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି । ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ସେମାନଙ୍କ ସାହସ, ତ୍ୟାଗ ଏବଂ ଜାତୀୟତାର ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଅଧ୍ୟକ୍ଷ ଡ.ନକୁଲ ସେଠ୍ ସମାବେଶକୁ ସମ୍ବୋଧିତ କରିଥିଲେ । ମଞ୍ଚାସୀନ ବକ୍ତାମାନେ ମହାନ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ କିଭଳି ବ୍ରିଟିଶ ଉପନିବେଶବାଦୀ ଶାସନ ବିରୁଦ୍ଧରେ ନିରନ୍ତର ସଂଘର୍ଷ କରୁଥିଲେ ଏବଂ ଲୋକଙ୍କ ମଧ୍ୟରେ ପ୍ରତିରୋଧର ଭାବନା ଜାଗ୍ରତ କରେଇବାରେ ତାଙ୍କର କ'ଣ ସବୁ ଭୂମିକା ରହିଥିଲା ତାହା ବର୍ଣ୍ଣନା କରିଥିଲେ । ଇତିହାସ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅର୍ଥଶାସ୍ତ୍ର ବିଭାଗର ମୁଖ୍ୟ ଡ.ଅଞ୍ଜଳି ଦାସ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ୧୪୪ ୟୁନିଟ୍ ରକ୍ତ ସଂଗ୍ରହ

**● ନିଷ୍ଠା ପରିବାରର ନିଆରା କାର୍ଯ୍ୟକ୍ରମ**




ବରଗଡ଼, ୨୫ ।୧(ସମିସ): ବରଗଡ଼ ଫିଜିକାଲ ଏକାଡେମୀ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ବରଗଡ଼ ସ୍ଥିତ ଅଗ୍ରଗାମୀ ଯୁବକ ସଂଘ ଠାରେ ବରଗଡ଼ ଫିଜିକାଲ ଏକାଡେମୀର ସଫଳତାକୁ ନେଇ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରକୁ ମୁଖ୍ୟ ଅତିଥି ଭାବରେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବରେଣ୍ୟ ଅତିଥି ଭାବରେ ବିଜେଡି ଟାଉନ ସଭାପତି ଅନୁପ ଶତପଥୀ, ବିଜେଡି ନେତା କିଶୋର ମିଶ୍ର, ବରିଷ୍ଠ ବିଜେପି ନେତା ଅଶ୍ୱିନୀ ପଣ୍ଡା, ଭକ୍ତ ଚରଣ ଦାଶ, ପୂର୍ବତନ କାଉନସିଲର ରମା ଦାଶ, ବରଗଡ଼ ଫିଜିକାଲ ଏକାଡେମୀର ପ୍ରତିଷ୍ଠାତା ସୁରେଶ କୁମାର ଦାଶ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ ।ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ୧୧୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ ବରଗଡ଼ ଫିଜିକାଲ ଏକାଡେମୀକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବରଗଡ଼ରେ ରୋୟାଲ କୋଚିଂ ଇନ୍‌ଷ୍ଟିଚ୍ୟୁଟର ନୂତନ ଶାଖାର ଶୁଭାରମ୍ଭ ଅବସରରେ ଶକ୍ତି ନଗର ବରଗଡ଼ ଠାରେ ରୋୟାଲ କୋଚିଂ ଇନଷ୍ଟିଚ୍ୟୁଟ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା ।ଶିବିରକୁ ରୋୟାଲ କୋଚିଂ ଇନଷ୍ଟିଚ୍ୟୁଟର ମୁଖ୍ୟ ତପନ ଭୋଇଙ୍କ ମାଆ ପଦ୍ମା ବତୀ ଭୋଇ ମୁଖ୍ୟ ଅତିଥି ଭାବରେ ଓ ବରେଣ୍ୟ ଅତିଥି ଭାବରେ ତପନ ଭୋଇ, ଅନିତା ପଧାନ, ଜ୍ଞାନ ରଞ୍ଜନ ସରାଫ, ଅମିତ ଭୋଇ, ଆଜାଦ ପତି ଯୋଗଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରିଥିଲେ ।ଶିବିରରୁ ମୋଟ ୩୩ ୟୁନିଟ୍ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା । ଉଭୟ ଶିବିରରୁ୧୪୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଉଭୟ ଶିବିରକୁ ବରଗଡ଼ ଫିଜିକାଲ ଏକାଡେମୀ, ରୋୟାଲ କୋଚିଂ ଇନଷ୍ଟିଚ୍ୟୁଟ ଓ ନିଷ୍ଠା ପରିବାରର ସଦସ୍ୟ ପରିଚାଳନା କରିଥିଲେ ।

## ମିଟ୍‌ର ବାର୍ଷିକ ଉତ୍ସବ 'ଉଡାନ୍'



ବରଗଡ଼, ୨୫।୧(ସମିସ): ବରଗଡ଼ର ଜଣାଶୁଣା ଅଗ୍ରଣୀ ଶିକ୍ଷାନୁଷ୍ଠାନ ମିଟ୍‌ର ବାର୍ଷିକ ଉତ୍ସବ ମହାସମାରୋହରେ ବିଜୁ ପଟ୍ଟନାୟକ ଟାଉନ୍ ହଲରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ଲରମ୍ଭା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଡ.ଅଜିତ ନାଥ ଏବଂ ସମ୍ମାନିତ ଅତିଥି ଭାବେ କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅଧ୍ୟକ୍ଷ ଆଲୋକ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦିକା ସୁନୀତା ମାଝୀ ବାର୍ଷିକ ବିବରଣୀ ପଠନ କରିଥିଲେ । ମିଟ୍‌ର ନିର୍ଦ୍ଦେଶକ ସରୋଜ ମାଝୀ ଅନୁଷ୍ଠାନର ବିଗତ ୨୭ ବର୍ଷର ସଂଘର୍ଷ ଓ ସଫଳତା ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଅଜିତ ନାଥ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ପ୍ରାପ୍ତ କରି ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଜ୍ୟୋତିକାନ୍ତ ସାହୁ ମିଟ୍‌ର ସାମାଜିକ ଦାୟିତ୍ୱବୋଧକୁ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରେମାନନ୍ଦ ପଟେଲ ଶୃଙ୍ଖଳିତ ଜୀବନ ଶୈଳୀରେ ଜୀବନକୁ ସଫଳ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବାର୍ଷିକ କ୍ରୀଡାରେ ସଫଳତା ପ୍ରାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଏହାପରେ ଅତିଥିମାନଙ୍କୁ ସ୍ମୃତିଫଳକ ତଥା ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଅଧ୍ୟକ୍ଷ ଆଲୋକ ରଞ୍ଜନ ଦାଶ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ମୋଟ ୨୬ ଜଣ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନ କରିଥିଲେ । ଶ୍ରେଷ୍ଠ ତିନିଜଣଙ୍କୁ କାର୍ଯ୍ୟକ୍ରମ ଶେଷରେ ପୁରସ୍କୃତ କରାଯାଇଥିଲା । ଅଧ୍ୟାପିକା ପ୍ରିୟଙ୍କା ବେହେରା ମଞ୍ଚ ପରିଚାଳନା କରିଥିଲେ ।

## 'ସକାଳ' ପ୍ରତିନିଧିଙ୍କ ଦ୍ୱାରା ଦୁର୍ଘଟଣା ଆହତ ଉଦ୍ଧାର

ବରଗଡ଼, ୨୫।୧(ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ ପିପଲମୁଣ୍ଡା ବୁଲାଣି ରାସ୍ତାରେ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଛତିଶଗଡ଼ ପୁସୌର ନିବାସୀ ଜୟରାମ ଭୁଏ (୫୮) ଓ ବଳରାମ ଭୁଏ (୬୦) ଏଥିରେ ଆହତ ହୋଇଥିଲେ । ସୂଚନାନୁଯାୟୀ, ସମ୍ବଲପୁରରୁ ନିଜ ବାସସ୍ଥାନ ପୁସୌରକୁ ଯାଉଥିବା ବେଳେ ପିପଲମୁଣ୍ଡା ନିକଟରେ ସେମାନେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ । ବରଗଡ଼ରୁ ଅମ୍ବାଭୋନାକୁ ଯାଉଥିବା ଅମ୍ବାଭୋନା ବ୍ଲକ 'ସକାଳ' ପ୍ରତିନିଧି ରଞ୍ଜିତ ଦାଶ ତୁରନ୍ତ ଗାଡି ଅଟକାଇ ଆହତ ଦୁଇ ଜଣଙ୍କୁ ଉଦ୍ଧାର କରିଥିଲେ । ସେମାନଙ୍କୁ ନିଜ କାର ଯୋଗେ ଭଟଲି ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ସେଠାରେ



କୌଣସି ଡାକ୍ତର କିମ୍ବା କର୍ମଚାରୀ ନଥିବା ଦେଖିବାକୁ ମିଳିଥିଲା । ଫଳରେ ସେ ଆହତଙ୍କୁ ଭଟଲି ସ୍ଥିତ ଘରୋଇ ନବଜୀବନ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ । ଦୁର୍ଘଟଣାରେ ବଳରାମ ଭୁଏଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ସହ ପ୍ରଚୁର ରକ୍ତସ୍ରାବ ହେଇଥିଲା । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରକ୍ତସ୍ରାବ ବନ୍ଦ ନହେବାରୁ ବଳରାମ ଭୁଏଙ୍କୁ ତୁରନ୍ତ ବରଗଡ଼ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ କୁହାଯାଇଥିଲା ।

ଯୁବ ସାମ୍ବାଦିକ ରଞ୍ଜିତ ମାନବିକତାର ପରିଚୟ ଦେଇ ନିଜେ ତାଙ୍କୁ ବରଗଡ଼ ମୁଖ୍ୟ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ । ପରେ ଆହତଙ୍କ ପରିବାର ଲୋକଙ୍କୁ ସୂଚନା ଦେଇ ତାଙ୍କୁ ହସ୍ତାନ୍ତର କରିଥିଲେ । ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଯୁବ ସାମ୍ବାଦିକ ରଞ୍ଜିତଙ୍କ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରୁଛନ୍ତି । ସୂଚନା ଥାଉ କି ତାଙ୍କୁ ଡାକ୍ତର ସିଟି ସ୍କାନ କରିବା ପାଇଁ କହିବାରୁ ସେ ସମ୍ପୂର୍ଣ୍ଣ ବ୍ୟବସ୍ଥା କରିଥିଲେ । ଛତିଶଗଡ଼ରୁ ତାଙ୍କର ଘର ଲୋକ ବରଗଡ଼ ଖେଦାପାଲି ମୁଖ୍ୟ ଚିକିତ୍ସାଳୟକୁ ବିଳମ୍ବରେ ପହଞ୍ଚିବା ପରେ ଆହତ ବ୍ୟକ୍ତିଙ୍କୁ ହସ୍ତାନ୍ତର କରି ସହଯୋଗ କରିଥିବା ସାମ୍ବାଦିକ ନିଜ ଘରକୁ ଫେରିଥିଲେ ।

## ଶୁଣ୍ଢି ସମାଜର ଜିଲ୍ଲାସ୍ତରୀୟ ବାର୍ଷିକ ସମାବେଶ

ବରଗଡ଼, ୨୫ ।୧(ସମିସ): ସ୍ଥାନୀୟ ବିଜୁପଟ୍ଟନାୟକ ଟାଉନ ହଲରେ ବରଗଡ଼ ଜିଲ୍ଲା ଶୁଣ୍ଢି ସମାଜ ପକ୍ଷରୁ ଜିଲ୍ଲା ସ୍ତରୀୟ ବାର୍ଷିକ ସମାବେଶ ଓ ବିବାହ ଯୋଗ୍ୟ ପୁଅ ଝିଅଙ୍କ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗଦେଇ ଶୁଣ୍ଢି ସମାଜ ପକ୍ଷରୁ କରାଯାଇଥିବା ଜନସେବା ମୂଳକ କାର୍ଯ୍ୟକ୍ରମକୁ ଖୁବ୍ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ନିଖିଳ ଉତ୍କଳ ଶୁଣ୍ଢି ସମାଜର ସଭାପତି ବିକ୍ରମ ସାହୁ, ବରଗଡ଼ ଜିଲ୍ଲା ଶୁଣ୍ଢି ସମାଜ ସଭାପତି ଉଦ୍ଧବ ଚରଣ ବେହେରା, ଉପଦେଷ୍ଟା ଡଃ. ପାଣ୍ଡବ ବେହେରା, ମହିଳା ସଭାନେତ୍ରୀ ଅନୁପମା ବେହେରା ଯୁଗ୍ମ ସମ୍ପାଦକ ସୁଧୀର ସାହୁ ଓ ସୁନ୍ଦରଗଡ଼ ସଭାପତି ସତ୍ୟନାରାୟଣ ସାହୁ ମଞ୍ଚାସିନ ଥିଲେ । ଓଡ଼ିଶା ରାଜ୍ୟ ସଭାପତି ବିକ୍ରମ ସାହୁ ସମାଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ ।କୁନି ଝିଅ ଅପର୍ଣ୍ଣା ସାହୁ, ଶିବାନ୍ୱି ବେହେରା, ସ୍ମୃତି ସିକ୍ତା ବେହେରା ଓ ସୌମ୍ୟା ବେହେରା ନୃତ୍ୟ ପରିବେଷଣ କରିଥିଲେ । ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାରେ ମାନବସେବା ପାଇଁ ଡ଼.ସଞ୍ଜୀବ ବେହେରା, ନମିତା ବେହେରା ଓ ତୁର୍ଯ୍ୟା ତନୟା ବେହେରାଙ୍କୁ ସମ୍ମାନିତ କରାଯାଇଥିଲା ।କ୍ରୀଡା କ୍ଷେତ୍ରରେ ଜାତୀୟ ସ୍ତରରେ କୃତିତ୍ୱ ପାଇଁ ତେଜସ୍ ବେହେରା ଓ ଓପିଏସସି ରେ ସଫଳତା ପାଇଁ କୁମାରୀ ଶ୍ରୀମାରାଣି ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ବଲାଙ୍ଗିର ଜିଲ୍ଲା ଲାଠୋରର କବିରାଜ ପବିତ୍ର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ତିରିଶ ଜଣ ବିବାହ ଯୋଗ୍ୟ ପୁଅ ଝିଅଙ୍କ ପଞ୍ଜୀକରଣ କରାଯାଇଥିଲା । ସମାବେଶକୁ ଡ଼.ପାଣ୍ଡବ ବେହେରା ପରିଚାଳନା କରିଥିଲେ, ଶରତ ବେହେରା, ନିରଞ୍ଜନ ବେହେରା, ନୀଳମାଧବ ସାହୁ, ଟୁକୁନା ସାହୁ, ରାଜୁ ଚୌଧୁରୀ, ବାହାଦୁର ବେହେରା, ଅଶୋକ ବେହେରା ଗଣେଶ ବେହେରା, ଦିପ୍ତିଲତା ବେହେରା, ସୁନୀତା ବେହେରା, ମିଳିପମା ବେହେରା, ସୁଜାତା ବେହେରା, ଟୀଙ୍କି ବେହେରା, ଗୀତାଞ୍ଜଳି ସାହୁ, ଓ ପ୍ରଣତି ବେହେରା ସହଯୋଗ କରିଥିଲେ । ଶେଷରେ ନାରୀ ସଭାପତି ଅନୁପମା ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଡଙ୍ଗାଘାଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ପଦ୍ମପୁର, ୨୫ ।୧(ସମିସ): ରାଜବୋଡାସମ୍ବର୍ ବ୍ଲକ ଡଙ୍ଗାଘାଟ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପବିତ୍ର ଶ୍ରୀପଞ୍ଚମୀ ତିଥିରେ ବାଗଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା ପରେ ଓଡ଼ିଶାର ଦୁଇ ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳନ ସହ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉତ୍ସବ ଅବସରରେ ଆୟୋଜିତ ସାଧାରଣ ସଭାରେ ଡଙ୍ଗାଘାଟ ପଞ୍ଚାୟତର ସରପଞ୍ଚ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶଙ୍କର୍ଷଣ ନାଗ ସଭାପତିତ୍ୱ କରିଥିବା ବେଳେ ସମାଜସେବୀ ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ.ରଞ୍ଜନ କୁମାର ମହାକୁଡ଼ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଉପଯୋଗୀ ଦିଗ୍ ଦର୍ଶନ ଦେଇଥିଲେ ।

ବିଦ୍ୟାଳୟର ପ୍ରଧାନଶିକ୍ଷକ ରବିଶଙ୍କର ପଧାନ ବିଦ୍ୟାଳୟର ବିବରଣୀ ପଠନ କରିଥିଲେ । ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ତଥା କର୍ମଚାରୀ ସହଯୋଗ କରିଥିବା ବେଳେ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶ୍ରୀଯୁକ୍ତ ମର୍ତ୍ତଣ୍ଡ ଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଅଭିବିଭୋର ହୋଇଥିଲେ । ଆଞ୍ଚଳିକ ଲୋକନାଟ୍ୟ କଳା ପରିଷଦ ଝାରମୁଣ୍ଡା, ବଲାଙ୍ଗୀର ଦଳର ପ୍ରଦର୍ଶନ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ।

## ଅଜଣା ବ୍ୟକ୍ତିଙ୍କ ଶବଦାହ କଲେ ସମାଜସେବୀ ସଂଘମିତ୍ରା

ବରଗଡ଼, ୨୫ ।୧(ସମିସ): ବରଗଡ଼ର ବିଶିଷ୍ଟ ସମାଜସେବୀ ସଂଘମିତ୍ରା ପଟେଲ ଜଣେ ଅଜଣା ବ୍ୟକ୍ତିଙ୍କ ଶବକୁ ଶବଦାହ ଓ ସଂସ୍କାର କରିଥିଲେ । ଗତ ୪/୫ ଦିନ ପୂର୍ବରୁ ବରଗଡ଼ ମୁଖ୍ୟ ଚିକିତ୍ସାଳୟ ପଛପଟେ ଟୁକୁର୍ଲା ଗ୍ରାମରେ ଥିବା ଏକ ପୋଖରୀ ପାଣିରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ । ଭଟଲି ପୁଲିସ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ୯୬ ଘଣ୍ଟା ରଖିବା ପରେ କାହାରି ଖବର ନ ମିଳିବାରୁ ସଂଘମିତ୍ରାଙ୍କୁ ଖବର ଦିଆଯାଇଥିଲା । କୌଣସି ସମ୍ପର୍କୀୟଙ୍କ ଖବର ନ ପାଇବାରୁ ସ୍ୱେଚ୍ଛାସେବୀ ସଂଘମିତ୍ରାଙ୍କୁ ଖବର ଦିଆଯାଇଥିଲା । ଖବର ପାଇ ସଂଘମିତ୍ରା ପହଞ୍ଚି ପୁଲିସ ସାହାଯ୍ୟରେ ଦାହ ସଂସ୍କାର କାର୍ଯ୍ୟକ୍ରମ ସମାପନ କରିଥିଲେ । ରିଙ୍କି ବାରିକ ହସ୍ପିଟାଲରେ ଛାନବିନ କରିଥିଲେ ଓ ମେଡିକାଲ ଷ୍ଟାଫ୍



ଦିଲିପ ମହାନନ୍ଦ, ସ୍ୱେଚ୍ଛାସେବୀ କରୁଣା ପଟେଲ, ସନ୍ୟାସୀ ପ୍ରଧାନ, ଭଟଲି ପୋଲିସ ଷ୍ଟାଫ୍ ସହଯୋଗ କରିଥିବା ବେଳେ ପୁଲିସ ଏଏସ୍ ଆଇ ସୁରେଶ ଓରାମ ଉପସ୍ଥିତ ଥିଲେ ।ଶ୍ରୀମତୀ ପଟେଲଙ୍କ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରୁଛନ୍ତି ।

**କ୍ଷୀରୋଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ସେମିରେ କଟାପାଲି, ଉପରବାହାଲ, ଶୁଖା ଓ କୁଚିପାଲି

ମେଲଛାମୁଣ୍ଡା, ୨୫।୧(ସମିସ)

ଘେଁସ ନିକଟସ୍ଥ ଚୁହାନପାଲି ଠାରେ ଜୟ ଜଗନ୍ନାଥ କ୍ରିକେଟ କ୍ଲବ୍ ପକ୍ଷରୁ କ୍ଷୀରୋଦ୍ର ମେମୋରିଆଲ ଟେନିସ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିବସରେ ପହଞ୍ଚିଛି । ଟୁର୍ଣ୍ଣାମେଣ୍ଟରେ କଟାପାଲି, ଟୁଙ୍ଗିବନ୍ଧଲି, ସୋହେଲା, ଗନିଆଁପାଲି, ଡଙ୍ଗରକେର୍ମେଲି, ତବଡା, ଉପରବାହାଲ, ଘେଁସ, ଶୁଖା, ମେଲଛାମୁଣ୍ଡା, ତଳିଉଡାର, ଘେଁସ କଲେଜ ଟିମ୍, କୁଚିପାଲି, ଏମ୍‌ଶ୍ରୀଗିଡା, ଡୁମ୍ବେରପାଲି ଓ ବନ୍ଧପାଲି ଏପରି ୧୬ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ପର୍ଯ୍ୟାୟର ଲିଗ୍ ମ୍ୟାଚ୍ ମାନଙ୍କରୁ ବିଜୟୀ ହୋଇ କଟାପାଲି, ଉପରବାହାଲ, ଶୁଖା ଓ କୁଚିପାଲି ଦଳ ସେମିଫାଇନାଲକୁ ପ୍ରବେଶ କରିଛନ୍ତି । ଅମ୍ପାୟାର ଗିରିଧାରୀ ସାହୁ, ଅଶୋକ ଭୋଇ, ଅକ୍ଷୟ ପ୍ରଧାନ, ଭୁଜ ମେହେର, ନରୋତ୍ତମ ପ୍ରଧାନ, ଅର୍ଜୁନ ମେହେର, ପ୍ରେମାନନ୍ଦ ସାହୁ ପ୍ରମୁଖ ମ୍ୟାଚ୍ ଗୁଡିକ ଖେଳାଇଥିବା ବେଳେ ତୁଳସୀ ଭୋଇ କମେଣ୍ଟ୍ରି କରିଥିଲେ । ସୋମବାର ଟୁର୍ଣ୍ଣାମେଣ୍ଟର ଶେଷ ଦିବସରେ ଦୁଇଟି ସେମିଫାଇନାଲ ମ୍ୟାଚ୍ ସହ ଫାଇନାଲ ଖେଳ ଅନୁଷ୍ଠିତ ହେବ । ପ୍ରଥମ ସେମିଫାଇନାଲ ଖେଳରେ କଟାପାଲି ଦଳ ସହିତ ଶୁଖା ଦଳ ଖେଳାଯିବାକୁ ଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ଟି ଉପରବାହାଲ ଓ କୁଚିପାଲି ଦଳ ମଧ୍ୟରେ ଅନୁଷ୍ଠିତ ହେବ । ଆଜିର ମ୍ୟାଚ୍‌ରେ ଘେଁସ ସରପଞ୍ଚ ଗୋକୁଳଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦୀପ ସାହୁ, ରମଣୀ ସାହୁ, ନିର୍ମଳ ଭୋଇ, ବେଦବ୍ୟାସ ଭୋଇ, ଜୟରାମ ଭୋଇ, ଶୁଭମ ସାହୁ, ମୌସମ ସାହୁ, ପ୍ରିନ୍ସ ପ୍ରଧାନ, ସୁନୀଲ ସନବର୍ଷା, ସୁମନ୍ତ ଭୋଇ, ଧର୍ମେନ୍ଦ୍ର ଥପା, ରାଜା ସାହୁ, ରାକେଶ ଥପା, ଅମନ ବରିହା, ଶକ୍ତି ସାହୁ ଓ ଜୟ ଜଗନ୍ନାଥ କ୍ରିକେଟ କ୍ଲବ୍‌ର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଛନ୍ତି ।

# ଚିକିତ୍ସା ପାଇଁ ପତ୍ନୀଙ୍କୁ ଟ୍ରଲିରେ ବୋହିଲେ ୩୦୦ କିମି

**ସମ୍ବଲପୁର, ୨୫ା୧ (ସମିସ):** ରାଜ୍ୟରେ ସ୍ୱାସ୍ଥ୍ୟସେବାର ଆଉ ଏକ ବିକଳ ଚିତ୍ର ପଦାକୁ ଆସିଛି। ଚିକିତ୍ସା ପାଇଁ ପତ୍ନୀଙ୍କୁ ୩୦୦ କିମି ଟ୍ରଲିରେ ବୋହିଲେ ସ୍ୱାମୀ। ସୁଦୂର ସମ୍ବଲପୁରରୁ ଟ୍ରଲିରେ ସ୍ତ୍ରୀଙ୍କୁ ବୋହି ବୋହି କଟକ ବଡ଼ ମେଡିକାଲକୁ ଆଣିବା ଓ ସେଠାରୁ ଫେରିବା ବେଳେ ଦୁର୍ଘଟଣାର ଶିକାର ହେବା ଭଳି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସମ୍ବଲପୁର ମୁଦିପଡ଼ାର ବାବୁ ଲୋହାର (୭୫) ପକ୍ଷାଘାତରେ ପୀଡ଼ିତ ତାଙ୍କ ପତ୍ନୀ ମୁନିର ଦେବୀଙ୍କୁ ଦୁଇ ମାସ ତଳେ ଟ୍ରଲିରେ ଟାଣି ଟାଣି ସୁଦୂର କଟକ ବଡ଼ ମେଡିକାଲକୁ ନେଇ ଚିକିତ୍ସା କରାଉଥିଲେ। କଟକ ବଡ଼ ମେଡିକାଲରେ ଟିକେ ସୁସ୍ଥ ହେବା ପରେ ବାବୁ ତାଙ୍କ ପତ୍ନୀଙ୍କୁ ପୁଣି ଟ୍ରଲିରେ ନେଇ ଘରକୁ ଫେରିଥିଲେ। ତେବେ ଚୌଦ୍ୱାର ନିକଟରେ କୌଣସି ଗାଡ଼ି ଟ୍ରଲିକୁ ଧକ୍କା ଦେବାରୁ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ପତ୍ନୀ ମୁନୀର ଦେବୀ ଆହତ ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସରେ ନେଇ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜ୍ୟୋତି ସୁସ୍ଥ ହେବା ପରେ ଟାଙ୍ଗୀ ଥାନାଧିକାରୀ ଓ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ତାଙ୍କୁ ବସ୍ରେ ସମ୍ବଲପୁର ପଠାଇବା ବ୍ୟବସ୍ଥା କରିଥିଲେ। କିନ୍ତୁ ବାବୁ ମାନି ନଥିଲେ। ପୁଣି ଟ୍ରଲିରେ ଫେରିବାକୁ ଜିଦ୍ ଧରିଥିଲେ। ବାବୁ ଟ୍ରଲିରେ ତାଙ୍କ ପତ୍ନୀଙ୍କୁ ନେଇ ସମ୍ବଲପୁରକୁ ଫେରୁଛନ୍ତି।

# ଡୁଙ୍ଗୁରିପାଲି ଗୋଷ୍ଠୀ ଶୌଚାଳୟରେ ତାଲା

**ଝାରବନ୍ଧ, ୨୫ା୧(ସମିସ)**

## ହାଟ ଦିନରେ ଲୋକେ ହଇରାଣ

ଲୌଡିଦର୍ହା ପଞ୍ଚାୟତ ଅଧୀନ ଡୁଙ୍ଗୁରିପାଲି ବଜାର ପାର୍ଶ୍ୱରେ ନିର୍ମିତ କମ୍ୟୁନିଟି ଶୌଚାଳୟ ୨ ବର୍ଷ ହେଲା କାମ ସରିଛି; ହେଲେ ଖୋଲା ଯାଉନି। ଶୌଚାଳୟରେ ତାଲା ପଡ଼ିଛି। ଏଣୁ ସାଧାରଣ ଲୋକ, ବ୍ୟବସାୟୀ ଓ ବଜାରକୁ ଆସୁଥିବା ଲୋକେ ଶୌଚ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ସୋମବାର ଡୁଙ୍ଗୁରିପାଲିରେ ସାପ୍ତାହିକ ହାଟ ବସେ। ହାଟଦିନରେ ଲୋକଙ୍କ



ଆଗମନ ହେଉଥିବା ସତ୍ତ୍ୱେ ଶୌଚାଳୟ ବନ୍ଦ ରହିବାରୁ ମହିଳା, ବୃଦ୍ଧ ଓ ଶିଶୁମାନେ ବିଶେଷ କଷ୍ଟ ଭୋଗୁଛନ୍ତି। ଏହା ସହିତ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପଡୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଶୌଚାଳୟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଏହା ଲୋକଙ୍କ ପାଇଁ ବ୍ୟବହାର ହେଉନାହିଁ। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ହିଁ ଦାୟୀ ବୋଲି ଲୋକେ ମତ ପ୍ରକାଶ କରିଛନ୍ତି।

# କିସ୍-କିଟ୍ ପକ୍ଷରୁ ମିନି ମାରାଥନ



**ବରଗଡ଼, ୨୫ା୧(ସମିସ):** 'ସମସ୍ତଙ୍କ ପାଇଁ ଶିକ୍ଷା'ର ବାର୍ତ୍ତା ନେଇ ଡ.ଅଚ୍ୟୁତ ସାମନ୍ତଙ୍କ ଆହ୍ୱାନରେ ଓଡ଼ିଶାର ସମସ୍ତ ଜିଲ୍ଲା ଏବଂ ଅନ୍ୟ ରାଜ୍ୟରେ ମଧ୍ୟ ମିନି ମାରାଥନ ଆୟୋଜିତ ହେଇଛି। ଏହି ଅବସରରେ ବରଗଡ଼ ସହରରେ ମିନି ମାରାଥନ ଆୟୋଜିତ ହେଇଥିଲା। ମିନି ଷ୍ଟାଡିୟମ୍ରୁ ବାହାରି ମହିଳା ମହା ବିଦ୍ୟାଳୟ ଛକରୁ ଏସପି ଅଫିସ ଛକ ଦେଇ ପୁଣି ମିନି ଷ୍ଟାଡିୟମ୍କୁ ପହଞ୍ଚିଥିଲା। ବରଗଡ଼ ଏସଡିପିଓ ପଦାରବିନ୍ଦ ତ୍ରିପାଠୀ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ କୋଶଳ ଡିଫେନ୍ସ ଏକାଡେମୀ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ଉଚ୍ଚ ବିଦ୍ୟାଳୟ, ନିଶାମଣି ଉଚ୍ଚ ବିଦ୍ୟାଳୟ, ଜର୍ଜ ଉଚ୍ଚ ବିଦ୍ୟାଳୟ ଆଦି ଅନୁଷ୍ଠାନର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଜ୍ୟୋତିକାନ୍ତ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ, ବରଗଡ଼, ସମ୍ମାନିତ ଅତିଥି ସନ୍ତୋଷ ପଣ୍ଡା, ଅବସର ପ୍ରାପ୍ତ ପ୍ରାଧ୍ୟାପକ, ସମ୍ମାନିତ ଅତିଥି ଡୋଲାମନି ଶତପଥୀ, ପ୍ରକୃତି ବନ୍ଧୁ, ସମ୍ମାନିତ ଅତିଥି ମାମି ମିଶ୍ର, ଫାଉଣ୍ଡର କୋଶଳ ଡିଫେନ୍ସ ଏକାଡେମୀ ଏବଂ ନିକାଶ ଚନ୍ଦ୍ର ଷଡଙ୍ଗୀ, ଜିଲ୍ଲା ସଂଯୋଜକ କିସ୍ ବରଗଡ଼, ମହେନ୍ଦ୍ର ସାହୁ, ବ୍ୟୁରୋ ହେଡ କଳିଙ୍ଗ ଟିଭି ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିଲୋଚନ ଭୁଏ, ସଭାପତି କିସ୍ ଅଭିଭାବକ ସଂଘ ବରଗଡ଼ ସଭା ପରିଚାଳନା କରିଥିଲେ। ରାଜ ଭୁଏ, ମନୋଜ ବୁଡେକ୍, ମକାରୁ ବରିହା, ଗଜିନ୍ଦ୍ର ବରିହା, ଗିରିଧାରୀ ସେଠ୍, ବିଶ୍ୱଜିତ୍ ପଧାନ ଏବଂ ଯଶୋବନ୍ତ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମାନଭଞ୍ଜନ ମିର୍ଦ୍ଧା, ଉପଦେଷ୍ଟା କିସ୍ ଅଭିଭାବକ ସଂଘ ବରଗଡ଼ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶେଷରେ କିସ୍ ଜିଲ୍ଲା ସଂଯୋଜକ ନିକାଶ ଚନ୍ଦ୍ର ଷଡଙ୍ଗୀ ସଭା ସାଙ୍ଗ କରିଥିଲେ।

# ବରଗଡ଼ରେ ତ୍ରିରଙ୍ଗା ଯାତ୍ରା



**ବରଗଡ଼, ୨୫ା୧(ସମିସ):** ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବରଗଡ଼ ସହରରେ ତ୍ରିରଙ୍ଗା ଯାତ୍ରା ପରିକ୍ରମା କରିଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଠିକାଦାର ସଂଘ ସଭାପତି ସୁଧାଂଶୁ ଗଡ଼ତିଆ, ସରୋଜ ମହାପାତ୍ର, ରାଜୁ ତିୱାରୀ, ସୁନିଲ ସୁନା, ରଞ୍ଜିତ ସିଂ, ନାନୁ ଯାଦବ, ଜୟଲାଲ ଯାଦବ, ମମତା ଅଗ୍ରୱାଲ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ୨୮ ଗରିବ ମେଧାବୀଙ୍କ ପଢ଼ାଖର୍ଚ୍ଚ ବହନ କରିବେ ଡାକ୍ତର ଦମ୍ପତି

**ବରଗଡ଼, ୨୫ା୧(ସମିସ):** ବରଗଡ଼ ଜିଲ୍ଲାର ଜଣାଶୁଣା ଚିକିତ୍ସକ ଦମ୍ପତି ଡାକ୍ତର ରାଜେଶ ତ୍ରିପାଠୀ ଓ ଡାକ୍ତର ସୁସ୍ମିତା ଦାଶ ନିଜର ୨୮ ତମ ବିବାହ ବାର୍ଷିକୀ ଅବସରରେ ଏକ ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି। ୨୮ ବର୍ଷର ଏହି ମଧୁର ସମ୍ପର୍କକୁ ଅଧିକ ସ୍ମରଣୀୟ କରିବା ପାଇଁ ଏହି ଦମ୍ପତି ୨୮ ଗରିବ ମେଧାବୀଙ୍କ ପଢ଼ାଖର୍ଚ୍ଚ ବହନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପିଲାମାନଙ୍କ କଲେଜ ପାଠପଢ଼ାର ସମସ୍ତ ଦାୟିତ୍ୱ ବହନ କରିବାକୁ ଡାକ୍ତର ଦମ୍ପତି ମନସ୍ଥ କରିଛନ୍ତି।



# ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

**ବରପାଲି, ୨୫ ା୧(ସମିସ):**ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାମୂହିକ ମାତୃ ସମ୍ମିଳନୀ ଓ ସମର୍ପଣ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ବର୍ତ୍ତମାନ ସମାଜରେ ଉତ୍ତମ ଶିଶୁ ନିର୍ମାଣ ପାଇଁ ମାଆମାନଙ୍କ ଭୂମିକା ଏବଂ ଆଦର୍ଶ ପରିବାର ନିମନ୍ତେ ତାଙ୍କର କର୍ତ୍ତବ୍ୟ ସମ୍ପର୍କରେ ବହୁ ଦୃଷ୍ଟାନ୍ତମୂଳକ ବକ୍ତବ୍ୟ ରଖିଥିଲେ। ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ହୋତା ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା ସମିତି ସଭାପତି ଡାକ୍ତର ଶଙ୍କର୍ଷଣ ମେହେର ଓ ସମ୍ପାଦକ ଗୋପାଳ ସାହୁ ମଞ୍ଚାସୀନ ହୋଇଥିଲେ। ବିଦ୍ୟାମନ୍ଦିର ପକ୍ଷରୁ ପ୍ରାରମ୍ଭରେ ମୁଖ୍ୟବକ୍ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ମିଳନୀରେ ୪୦୨ ଜଣ ମାଆ ଯୋଗ ଦେଇଥିଲେ।ଏହି ଅବସରରେ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଚାରପାଲିରେ ଏନ୍ଏସ୍ଏସ୍ ଶିବିର ଉଦ୍ଯାପିତ



**ପଦ୍ମପୁର, ୨୫ ା୧(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପକ୍ଷରୁ ପୋଷ୍ୟ ଗ୍ରାମ ଚାରପାଲିରେ ଅନୁଷ୍ଠିତ ସପ୍ତଦିବସୀୟ ଜାତୀୟ ସେବା ଯୋଜନା ଶୀତକାଳୀନ ସ୍ୱତନ୍ତ୍ର ଶିବିର ରବିବାର ଉଦ୍ଯାପିତ ହୋଇଯାଇଛି। ଦିବସର ପ୍ରାରମ୍ଭରେ ପତାକା ଉତ୍ତୋଳନ, ଯୋଗାଭ୍ୟାସ ଓ ପରିସର ସଫେଇ ପରେ ଅନୁଭୂତି ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ବବର୍ଷ ସାଧାରଣତନ୍ତ୍ର ଦିବସ ଓ ଜାତୀୟ ସଂହତି ଶିବିର ପାଇଁ ଚୟନିତ ହୋଇଥିବା ସ୍ୱେଚ୍ଛାସେବୀ କରନ ସାହୁ ଓ ଆଦିତ୍ୟ ବନଛୋରଙ୍କୁ ସମ୍ମାନିତ କରାଯିବା ସହ ସେମାନେ ନିଜର ସଫଳତାର ଅଭିଜ୍ଞତା ବଖାଣିଥିଲେ। ଉଦ୍ଯାପନୀ ସଭାରେ ଅଧକ୍ଷ ପ୍ରଫେସର ଖଗେଶ୍ୱର ଦାଶ ସଭାପତିତ୍ୱ କରି କୃତୀ ଶିବିରାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଡ.ସରୋଜ କୁମାର ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମ ଅଧିକାରୀ ବୁନି ସାହୁ, ସଞ୍ଜୟ ତିଗା ଓ ଭୁବନେଶ୍ୱର ବରିହା ଯୋଗଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଅନ୍ଧବିଶ୍ୱାସ ଦୂରୀକରଣ ଉପରେ ଆଧାରିତ ନାଟକ 'ଟଁଢେଇ' ପରିବେଷିତ ହୋଇଥିଲା। ପ୍ରାଧ୍ୟାପକ ପ୍ରଭାତ କୁମାର ମହାପାତ୍ର, ପ୍ରଦୀପ କୁମାର ପଣ୍ଡା, ନିର୍ମଳ କୁମ୍ଭାର, ଅନନ୍ତ ମଲ୍ଲିକ, ଛାତ୍ରୀ ଭାରତୀ ବେହେରା, ଇତିଶ୍ରୀ ସାହୁ ଓ ଜନନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ।ସନ୍ଧ୍ୟାରେ ପତାକା ଅବତରଣ ଓ କ୍ୟାମ୍ପ ଫାୟାର ସହ ଶିବିରର ସମାପ୍ତି ଘଟିଥିଲା ।ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ସୁରେଶ୍ୱରୀ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇଧର ସ୍ମୃତି ଫୁଟବଲ କପ୍: ବଣ୍ଡାମୁଣ୍ଡା ଚାମ୍ପିଅନ

**ଝାରବନ୍ଧ, ୨୫ା୧(ସମିସ):** ମାଁ ସିମୁଳି ସ୍ପୋର୍ଟିଂ ଆନୁକୂଲ୍ୟରେ ଆୟୋଜିତ ସାଇଧର ସ୍ମୃତି କପ୍ ୨୦୨୬ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ରେ ସରଗୁଲ ଓ ବଣ୍ଡାମୁଣ୍ଡା ଦଳ ମଧ୍ୟରେ ଜୋରଦାର ମୁକାବିଲା ହୋଇଛି। ରୋମାଞ୍ଚକର ଖେଳରେ ବଣ୍ଡାମୁଣ୍ଡା ଦଳ ଫାଇନାଲ୍ ମ୍ୟାଚ୍ ଜିତି ଚାମ୍ପିଅନ ହୋଇଛି। ଫାଇନାଲରେ କନ୍ଦାଡଙ୍ଗର ସରପଞ୍ଚ ସୁନିଲ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତରୁଣ ପଟେଲ ମୁଖ୍ୟ ବକ୍ତା, ଦେବଦତ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ କ୍ୟାପଟେନ୍ ତେରାଜ ପାଣ୍ଡେଙ୍କ ନେତୃତ୍ୱରେ ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବରୁଣ ପାଣ୍ଡେ, ପର୍ଶୁରାମ ପାଣ୍ଡେ, ତରୁଣ ପାଣ୍ଡେ, ସନାତନ ପାଣ୍ଡେ, ବିଜୟ ବାଗ, ରମେଶଚନ୍ଦ୍ର ଗଜାକୁଶ, ପ୍ରକାଶ ବାଗ, ତାରାଚନ୍ଦ୍ର ବରିହା ଓ ଦିବ୍ୟ ଡନସନା ସହଯୋଗ କରିଥିଲେ।



## ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍

# ତାଳଚେର ଦଳ ଭଦ୍ରକକୁ ହରାଇ ଚାମ୍ପିଅନ




**ଦହିତା, ୨୫ା୧(ସମିସ)**

ଖଇରପାଲି ହାଇସ୍କୁଲ ପଡ଼ିଆରେ ଗୋଲ୍ଡେନଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ଆୟୋଜିତ ୧୩ତମ ସର୍ବଭାରତୀୟ ଗୋଲ୍ଡେନ ଷ୍ଟାର କ୍ରିକେଟ କପ୍ ଉଦ୍ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ରେ ତାଳଚେର ଦଳ ଭଦ୍ରକକୁ ହରାଇ ଚାମ୍ପିଅନ ହୋଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମେନ୍ ଅଫ ଦି ମ୍ୟାଚ୍ ଭାବେ ତାଳଚେର ଦଳର ରାଜୁ ପଟେଲ ଏବଂ ମ୍ୟାନ ଅଫ ଦି ସିରିଜ ଭାବେ ଭୁବନେଶ୍ୱର ଦଳର ସୁନିଲ ନାୟକ ପୁରସ୍କୃତ ହୋଇଥିଲେ। ସନମ ସାହୁ, ସୁଜିତ୍ ପାଣିଗ୍ରାହୀ, ଉମେଶ ଭୋଇ, ହୋନୁ ଅଗ୍ରୱାଲ, ଅକ୍ଷୟ ସାହାଣୀ, ନାରାୟଣ ମେହେର ଖେଳ ପରିଚାଳନା କରିଥିଲେ। ବୁଦ୍ଧଦେବ ମହାରଣା ଧାରାବିବରଣୀ ପ୍ରଦାନ କରିଥିଲେ।







